visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.245 Bhubaneswar Thursday, November 18, 2021 | ୨୪ତମ ବର୍ଷ ସଂଖ୍ୟା–୨୪୫ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS






ଜୟଦେବ ଭବନରେ ଆୟୋଜିତ ପୂର୍ବତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୮୮ତମ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ସ୍ୱନାମଧନ୍ୟ ସମ୍ପାଦକ ଶେଖର ଗୁପ୍ତା, ବିଧାୟକ ଅମର ଶତପଥୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ପୂର୍ବତନ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ବକ୍ସିପାତ୍ର ତଥା ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ବିଶେଷ


## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com


## ଆଇପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୭।୧୧(ପି.ଏନ): ଆଇପିଏସ୍ ସ୍ତରରେ ଏକ ବଡ ଧରଣର ଅଦଳବଦଳ ହୋଇଛି। ୧୯୮୮ ବ୍ୟାଚ୍ ଆଇପିଏସ୍ ତଥା ଓଏଚଆରସିର ଅତିରିକ୍ତ ଡିଜି ବିନୟାନନ୍ଦ ଝା ଗୃହ ବିଭାଗ ଓଏସଡି ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ସ୍ଥାନରେ ୧୯୮୯ ଆଇପିଏସ୍ ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ଏଡିଜି ଓଏଚଆରସି ଦାୟିତ୍ୱ ଦିଆଯାଇଛି। ସେ ବର୍ତ୍ତମାନ ରେଳୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଏଡିଜି ଦାୟିତ୍ୱରେ ଅଛନ୍ତି। ସେହିପରି ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କ ସ୍ଥାନରେ ୧୯୯୦ ବ୍ୟାଚ୍ ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ ରେଳୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଏଡିଜି ଭାବେ ନିଯୁକ୍ତି ପାଇଛନ୍ତି। ସୈଫିନ ଅହମ୍ମଦ କେ. ଫାୟାର ସର୍ଭିସ ଓ ହୋମ୍ ଗାର୍ଡ ଆଇଜି ଓ ଏଲ୍ ଦିବ୍ୟା ଭି. ହେଲେ ଢେଙ୍କାନାଳ ଏସ୍‌ପି ହୋଇଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ଜାରୀ କରାଯାଇଛି।

# ଗୋଟିଏ ଦିନରେ ୨୨୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୭।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୨୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୬୦୮୮ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୩୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୪ ହଜାର ୯୯୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୫୭ ରହିଛି । ଆଜି ଚିହ୍ନଟ ହୋଇଥିବା ୨୦୬ ଜଣଙ୍କ ମଧ୍ୟରୁ ୧୨୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୧୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧, ଭଦ୍ରକରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୧ ଜଣ କଟକରୁ ୧୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରୁ ୪ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡି ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦ୍ରାପଡ଼ାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୧୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୨ ଜଣ ଓ ମାଲକାନଗିରି ଜିଲ୍ଲାରୁ ୨ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ୍ ପୁଲରୁ ୨୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ୍ ସଂକ୍ରମିତ , ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୧୧(ପି.ଏନ): ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ୍ ସଂକ୍ରମିତ ହୋଇଥିବା ଜଣାପଡିଛି। ଅସୁସ୍ଥ ଶ୍ରୀ ହରିଚନ୍ଦନଙ୍କୁ ବିଜୟାୱାଡାରୁ ହାଇଦ୍ରାବାଦ୍ କୁ ଏୟାର ଲିଫ୍ଟ କରାଯାଇଛି। ବର୍ତମାନ ସେ ଗଂଚିବୋଲିର ଏଆଇଜି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ଅସୁସ୍ଥତା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଲେଖିଛନ୍ତି ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ତଥା ବରିଷ୍ଠ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନେଇ ଅବଗତ ହେଲି। ତାଙ୍କର ଆଶୁଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରୁଛି। ସୂଚନା ଅନୁଯାୟୀ ଦୁଇ ଦିନ ପୂର୍ବେ ଦିଲ୍ଲୀରୁ ଫେରିଥିବା ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଥଣ୍ଡା ଏବଂ କାଶରେ ପୀଡ଼ିତ ହୋଇଥିଲେ । ଏହାପରେ ୮୭ ବର୍ଷିୟ ହରିଚନ୍ଦନଙ୍କୁ ବୁଧବାର ସକାଳେ ଅସୁସ୍ଥ ହେବା ପରେ ବିଜୟୱାଡାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ହାଇଦ୍ରାବାଦକୁ ଅଣାଯାଇଥିଲା।





ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ପ୍ରେସ୍ କ୍ଲବ ଅଫ୍ ଇଣ୍ଡିଆ ନୂଆଦିଲ୍ଲୀରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ପୂର୍ବତନ ମନ୍ତ୍ରୀ ରମାକାନ୍ତ ଗୋସ୍ୱାମୀ, ପ୍ରେସ୍ କ୍ଲବର ସଭାପତି ଉମାକାନ୍ତ ଲଖେରା, ମହାସଚିବ ବିନୟ କୁମାର, ରାଷ୍ଟ୍ର ଟାଇମ୍ସ ସମ୍ପାଦକ ବିଜୟ ଶଙ୍କର ଚତୁର୍ବେଦୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ

## ବିଧାୟକ ସୁର ରାଉତରାୟ କୋଭିଡ୍ ପଜିଟିଭ୍

ଭୁବନେଶ୍ୱର, ୧୭।୧୧(ପି.ଏନ): କଂଗ୍ରେସ ଜଟଣୀ ବିଧାୟକ ସୁରେଶ ରାଉତରାୟ କରୋନାରେ ସଂକ୍ରମିତ ହୋଇଛନ୍ତି। ଏହାସହ ବିଧାୟକଙ୍କ ସ୍ତ୍ରୀ ମଧ୍ୟ କରୋନାରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି ।ମିଳିଥିବା ସୂଚନା ମୁତାବକ, କିଛି ଦିନ ପୂର୍ବେ ସୁରେଶଙ୍କ ପତ୍ନୀ କରୋନାରେ ସଂକ୍ରମିତ ହୋଇଥିଲେ। ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଛନ୍ତି। ଆଜି ସୁରେଶ ରାଉତରାୟଙ୍କର କରୋନା ରିପୋର୍ଟ ପଜିଟିଭ ଆସିଛି। କରୋନା ରିପୋର୍ଟ ଆସିବା ପରେ ସେ ନିଜକୁ ଘରେ ସଙ୍ଗରୋଧରେ ରଖିଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ ଭଲ ରହିଛି। ଏହି କିଛି ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି, ସେମାନେ ନିଜର ପରୀକ୍ଷା କରାଇ ନିଅନ୍ତୁ ବୋଲି ସେ କହିଛନ୍ତି।

## ରନ୍ଧନଗ୍ୟାସ ଦରବୃଦ୍ଧି ବିରୁଦ୍ଧରେ ୨୧ରୁ ବିଜେଡିର ଆନ୍ଦୋଳନ ଡାକରା

ଭୁବନେଶ୍ୱର, ୧୭।୧୧(ପି.ଏନ): ରନ୍ଧନ ଗ୍ୟାସ ଦରବୃଦ୍ଧି ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇବେ ବିଜୁ ମହିଳା ଜନତା ଦଳ, ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଛାତ୍ର ଜନତା ଦଳ। ଏହି ପ୍ରସଙ୍ଗ ନେଇ ଓଡିଶାର ତିନି ଆରଡିସି ଦପ୍ତର ସମ୍ମୁଖରେ ବିରୋଧ, ଆନ୍ଦୋଳନ, ଧାରଣା ଏବଂ ଘେ ରାଉ କାର୍ଯ୍ୟକ୍ରମ କରାଯିବ। ଏଥିସହ ଆରଡିସିଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବୁ ବୋଲି ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଏବଂ ଦେବୀ ରଞ୍ଜନ ତ୍ରିପାଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଯେ ବିଜେଡି ପକ୍ଷରୁ ୨୧ ନଭେମ୍ବରରୁ କଟକରେ ଥିବା କେନ୍ଦ୍ରାଂଚଳ ଆରଡିସି , ୨୨ ରେ ସମ୍ବଲପୁରରେ ଥିବା ଉତରାଂଚଳ ଆରଡିସି କାର୍ଯ୍ୟାଳୟ ଏବଂ ୨୩ ନଭେମ୍ବରରେ ବ୍ରହ୍ମପୁରରେ ଥିବା ଦକ୍ଷିଣାଂଚଳ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଏଲପିଜି ଗ୍ୟାସର ମୂଲ୍ୟ ବୃଦ୍ଧି ଏବଂ ଉଜ୍ଜ୍ୱଳା ଯୋଜନାର ବିଫଳତା ନେଇ ଆନ୍ଦୋଳନ କରିବୁ। ବିଜେଡିର ଏହି ତିନି ନେତା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏଲପିଜି ରନ୍ଧନ ଗ୍ୟାସର ମୂଲ୍ୟ ଢେର ବୃଦ୍ଧି ପାଇଛି ଯାହା ରାଜ୍ୟର ମା' ଓ ଭଉଣୀମାନଙ୍କ ସହ ସମଗ୍ର ରାଜ୍ୟକୁ ପ୍ରଭାବିତ କରିବା ସହିତ ଓଡ଼ିଶାର ୪.୫ କୋଟି ଲୋକଙ୍କ ଉପରେ ପ୍ରଭାବ ପକାଉଛି। ବିଗତ ସାଢେ ୩ବର୍ଷ ଭିତରେ ଏଲପିଜି ରନ୍ଧନ ଗ୍ୟାସର ମୂଲ୍ୟରେ ୭୦% ବୃଦ୍ଧି ଘଟିଛି । ୨୦୧୬-୧୭ ରେ ୧୪.୨ କିଲୋଗ୍ରାମ ରନ୍ଧନଗ୍ୟାସ ଥିବା ଗୋଟିଏ ସିଲିଣ୍ଡରର ମୂଲ୍ୟ ୫୪୯ ଟଙ୍କା ୬୯ ପଇସା ଥିବାବେଳେ ଏହା ବୃଦ୍ଧି ପାଇ ବର୍ତମାନ ୯୨୬ ଟଙ୍କାରେ ପହଂଚିଛି । ଏହାର ବୃଦ୍ଧି ଏତେ ପରିମାଣରେ ହୋଇଛି ଯେ ସିଲିଣ୍ଡର ପିଛା ମାତ୍ର ୩.୫ ବର୍ଷରେ ୩୭୬.୩୧ ବଢ଼ିଛି । ଭାରତରେ ଏତେ କମ୍ ସମୟ ମଧ୍ୟରେ ରନ୍ଧନଗ୍ୟାସ୍ ଦର ୭୦% ବୃଦ୍ଧି ପାଇବା ପୂର୍ବରୁ କେବେ ଦେଖାଯାଇ ନଥିଲା । ଯଦି କେନ୍ଦ୍ର ଆମର ଦାବି ପ୍ରତି ଧ୍ୟାନ ଦେବ ନାହିଁ, ତେବେ କେନ୍ଦ୍ରର ବିଫଳତା ସହିତ ଏଲପିଜି ଦର ବୃଦ୍ଧି ଯୋଗୁଁ ରୋଷେଇ ଘରେ ଆମର ମା' ଭଉଣୀମାନେ ଭୋଗୁଥିବା କଷ୍ଟ ସଂକ୍ରାନ୍ତରେ କେନ୍ଦ୍ରର ମୁଖା ଖୋଲିବାପାଇଁ ସମଗ୍ର ରାଜ୍ୟରେ ଆମେ ଆମର ଆନ୍ଦୋଳନକୁ ଆହୁରି ତୀବ୍ର କରିବୁ ବୋଲି ବିଜେଡିର ତିନି ନେତା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।


## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ଁଅଚ୍ୟୁତାନନ୍ଦ କର

ବଳଭଦ୍ରପୁର ଶାସନ, ଅନନ୍ତପୁର, ସୋର, ବାଲେଶ୍ୱର

ଆବିର୍ଭାବ : ୧୯୪୧
ତିରୋଧାନ:୦୮.୧୧.୨୦୨୧

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁଁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ପୁତ୍ର- ଅଶୋକ, ତିଳୋତ୍ତମା, ବେଦପ୍ରକାଶ, ଭାରତୀ, ମାଳତୀ, ଶୁକ, ସେବତୀ, କଣ୍ଢେଇ, ବାପି, ବୁଲୁ, ଟୁନୁ, ପିଣ୍ଟୁ, ରୀନା, ଜୁଲୁ, ଟୁଲୁ, ଶିଲୁ, ରାଧା, ବଟୁ, ବୁଦ୍ଧି ଓ ଶୋକସନ୍ତପ୍ତ ପରିବାର ବର୍ଗ।



## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**









# ଟି ଟାଇମ୍

# ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ । ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ । ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ । ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ । ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** କର୍ମକ୍ଷେତ୍ରରେ ସହଜ ସୁବିଧାରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେମ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ । ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା । ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ପଞ୍ଚସାଗର ଶକ୍ତିପୀଠ, ବାରଣାସୀ





ପଞ୍ଚସାଗର ଶକ୍ତିପୀଠ ହିନ୍ଦୁ ମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ଶକ୍ତିପୀଠ ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀ ରେ ଅବସ୍ଥିତ। ପଞ୍ଚସାଗର ମନ୍ଦିରରେ ମାତା ସତୀଙ୍କୁ ବରାହୀ ରୂପରେ ପୂଜା କରାଯାଏ। ହିନ୍ଦୁ ଧର୍ମରେ ବରାହୀ ମାତାଙ୍କୁ ତିନି ଶ୍ରେଣୀରେ ପୂଜା କରାଯାଏ, ଶକ୍ତିସ୍ମ(ଦେବୀଙ୍କୁ ପୂଜା କରାଯାଏ), ଶୈବୀସ୍ମ(ଭଗବାନ ଶିବଙ୍କୁ ପୂଜା କରାଯାଏ) ଓ ବୈଷ୍ଣବୀସ୍ମ(ଭଗବାନ ବିଷ୍ଣୁଙ୍କର ପୂଜା କାଯୋଏ।

ପଞ୍ଚସାଗର ମନ୍ଦିରର ବାସ୍ତୁକଳା ଖୁବ୍ ସୁନ୍ଦର ଓ ମନୋରମ। ମନ୍ଦିରରେ ଉପଯୋଗ ହୋଇଥିବା ପଥର ଗୁଡ଼ିକ ବାସ୍ତବରେ ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର। ଏହି ପଥର ଗୁଡ଼ିକ ସୂର୍ଯ୍ୟ କିରଣରେ ଚମକ ସୃଷ୍ଟି କରେ। ଏହି ମନ୍ଦିରର ମୁଖ୍ୟ ବିଶେଷତା ହେଲା ଯେ, ଏହି ମନ୍ଦିର କେବଳ ସକାଳ ବେଳା ମାତ୍ର ଦୁଇଘଣ୍ଟା ପାଇଁ ଖୋଲାରୁହେ। ବାକି ପୂରାଦିନ ବନ୍ଦ ରୁହେ। କୁହାଯାଏ ଯେ, ରାତିରେ ମାତା ବରାହୀ ବାରଣାସୀକୁ ସୁରକ୍ଷା ଦିଅନ୍ତି।

ପୌରାଣିକ କଥା ଅନୁସାରେ ଦେବୀ ବରାହୀ ଶବ୍ଦକୁ ଶକ୍ତି ରୂପରେ ପୂଜା କରାଯାଏ। ସେହିପରି ବରାହୀ ଶବ୍ଦ ଭଗବାନ ବିଷ୍ଣୁଙ୍କ ବରାହ ଅବତାରରୁ ସୃଷ୍ଟି ହୋଇଛି। ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଅନ୍ୟତମ। ଏହି ମନ୍ଦିରରେ ଶକ୍ତିଙ୍କୁ "ବରାହୀ" ରୂପରେ ପୂଜା କରାଯାଏ ଓ ଭଗବାନ ଶିବଙ୍କୁ "ମହାରୁଦ୍ର" ରୂପରେ ପୂଜା କରାଯାଏ। "ମହାରୁଦ୍ର"ର ଅର୍ଥ ପ୍ରଚଣ୍ଡ ରାଗିବାର ଅବତାର।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।



ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ବାରଣାସୀରେ ମାତା "ବରାହୀ" ଦେବୀଙ୍କ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଏଠାକାର ଯେଉଁ ସ୍ଥାନରେ ମାତା ସତୀଙ୍କର "ବରାହୀ"ଦେବୀଙ୍କ ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ତଳଦାନ୍ତ ଖଣ୍ଡ' ପଡ଼ିଥିଲା।

ପଞ୍ଚସାଗର ଶକ୍ତିପୀଠରେ ସବୁ ପର୍ବପର୍ବାଣୀ ଆନନ୍ଦ-ଉଲ୍ଲାସର ସହ ପାଳିତ ହୁଏ। ବିଶେଷ କରି ଶିବରାତ୍ରୀ, ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ସମୟରେ ମାତାଙ୍କର ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଥାଏ। ପର୍ବ ଦିନ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସଜାଯାଏ। ବର୍ଷର ସବୁ ସମୟରେ ମାତା "ବରାହୀ"ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮


Panchsagar Shakti Peeth, Uttar Pradesh

# ମେଜର ଶୈତାନ ସିଂହ ଓ ୧୧୪ ବୀର ସୈନିକଙ୍କ ସେହି ଅପୂର୍ବ ଶୌର୍ଯ୍ୟର କାହାଣୀ



ଭାରତୀୟ ବୀର ସୈନିକ ମାନଙ୍କର ବଳିଦାନର ଗାଥା ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଚୀନ ସହ ଯୁଦ୍ଧ ହେଉ ବା ପାକିସ୍ତାନ ସହ ଯୁଦ୍ଧ ହେଉ ଭାରତୀୟ ବୀର ମାନେ ଅଦଭୁଦ ପରାକ୍ରମ ଓ ଶୌର୍ଯ୍ୟର ପରିଚୟ ଦେଇଛନ୍ତି। ୧୯୬୨ ମସିହାରେ ଚୀନ ସହ ନଭେମ୍ବର ୧୮ ତାରିଖ ଦିନ ମେଜର ଶୈତାନ ସିଂହ ଓ ତାଙ୍କର ୧୧୪ ଜଣ ସାଥୀ ବଳିଦାନ ଦେଇ ଭାରତ ମାତାର ସୁରକ୍ଷା କରିଥିଲେ।

ଉତର ଭାରତର ପ୍ରହରୀ ହିମାଳୟର ପର୍ବତ ଶୃଙ୍ଗ ଅନେକ ଶହେ ଠାରୁ ଆରମ୍ଭ କରି ହଜାର ମିଟର ପର୍ଯ୍ୟନ୍ତ ଉଚ୍ଚ। ମେଜନ ଶୈତାନ ସିଂହଙ୍କ ନେତୃତ୍ୱରେ ୧୩ତମ କୁମାଉଁର ସି କମ୍ପାନୀର ୧୧୪ ଜଣ ଜବାନ ଶୁନରୁ ୧୫ ଡିଗ୍ରୀ କମ ହାଡ ଥରାଇ ଦେଉଥିବା ଥଣ୍ଡାରେ ୧୭,୮୦୦ ଫୁଟ ଉଚ୍ଚ ତ୍ରିଶୁଳ ପର୍ବତରେ ରଜାଂଗଲା ଗିରିପଥରେ ମୁତୟନ ଥିଲେ।

ସେଠାରେ କେତେ କଠିନ ପରିସ୍ଥିତି ଥିଲା ତାହାର ଅନୁମାନ କରିବାକୁ ହେଲେ ଗୋଟିଏ ଉଦାହରଣ ଯଥେଷ୍ଟ ହେବ ଯେ ଚା ତିଆରି କରିବାକୁ ମଧ ଘଂଟା ଘଂଟା ଧରି ପାଣିକୁ ଗରମ କରିବାକୁ ପଡୁଥିଲା। ଅତ୍ୟଧିକ ଥଣ୍ଡା କାରଣରୁ ଭୋଜନ ସାମଗ୍ରୀ ମଧ କଠିନ ହୋଇ ଯାଉଥିଲା। ସେତେବେଳେ ଆଜି ଭଳି ଥଣ୍ଡାର ମୁକାବିଲା କରିବାକୁ ଟେଂଟ ମଧ ନ ଥିଲା।

ସେତେବେଳେ ଆମ ଦେଶର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହେରୁ ହିନ୍ଦୀ- ଚୀନୀ ଭାଇ- ଭାଇର ଗୀତର ନିଶାରେ ବୁଡି ରହିଥିଲେ। କିନ୍ତୁ ଚୀନର ସାମରିକ ପ୍ରସ୍ତୁତି ଓ ତାର ସାମ୍ରାଜ୍ୟବାଦୀ ପ୍ରବୃତିକୁ ଦେଖି ଅନେକ ଚୀନ ଉପରେ ବିଶ୍ୱାସ ନ କରିବାକୁ ଚେତାବନୀ ଦେଉଥିଲେ। ହେଲେ ପଣ୍ଡିତ ନେହେରୁଙ୍କ ମତ ଥିଲା ଯେ "ଯଦି ଆମେ ଶାନ୍ତିର ପୂଜାରୀ ତେବେ ଆମ ଉପରେ କେହି କାହିଁକି ବା ଆକ୍ରମଣ କରିବ ?" ହେଲେ ଚୀନ ଏପରି ଭାବୁ ନ ଥିଲା। ତାର ସାମ୍ରାଜ୍ୟବାଦୀ ଉଦ୍ଦେଶ୍ୟ ସ୍ୱଷ୍ଟ ଥିଲା।

ସେଦିନ ଥିଲା ୧୯୬୨ ମସିହା ନଭେମ୍ବର ୧୮ ତାରିଖ। ସେଦିନ ଭୋର ୪.୩୫ରେ ଚୀନର ସୈନିକ ମାନେ ରଜାଂଗଲା ଗିରିପଥ ଉପରେ ହଠାତ ଆକ୍ରମଣ କରି ଦେଇଥିଲେ। ତେବେ ସେମାନେ ଭାବି ନ ଥିଲେ ଭାରତୀୟ ସେନା ଏପରି ଜୋରଦାର ଜବାବ ଦେବ। ମେଜର ଶୈତାନ ସିଂହଙ୍କ ନେତୃତ୍ୱରେ ଭାରତୀୟ ସୈନିକ ମାନେ ଚୀନୀ ସେନା ଉପରେ ପ୍ରତି ଆକ୍ରମଣ ଆରମ୍ଭ କରି ଦେଲେ। ଭାରତୀୟ ସୈନିକ ମାନେ ଶେଷ ନିଶ୍ୱାସ ଥିବା ଯାଏ ଓ ଶେଷ ଗୁଳି ଥିବା ଯାଏ ଲଢ଼ିଥିଲେ। ଏହି ପଲଟନର ସମସ୍ତ ସୈନିକ ଶହୀଦ ହୋଇ ଯାଇଥିଲେ, ହେଲେ ଚୀନର କବଜା ଏହି ଅଂଚଳ ଉପରେ ହୋଇ ପାରି ନ ଥିଲା। ଦିଲ୍ଲୀ ଶାସନକୁ ଅନେକ ଦିନ ପରେ ଏହି ଘଟଣା ସମ୍ପର୍କରେ ଜଣା ପଡିଲା। ଯେତେବେଳେ ନିକଟର ଚୁଶୁଲ ଗାଁ ଠାରେ ପଶୁ ଚରାଳୀ ମାନେ ସୈନିକ ମାନଙ୍କର ଶବ ପଡିଥିବାର ଦେଖିଥିଲେ।

ଥଣ୍ଡା କମିବା ପରେ ଭାରତୀୟ ସେନାର ଅନ୍ୟ ଜବାନ ମାନେ ସେଠାକୁ ଗଲା ପରେ ସମ୍ପୂର୍ଣ୍ଣ ତଥ୍ୟ ସାମନାକୁ ଆସିଥିଲା। ଶହୀଦ ଭାରତୀୟ ସୈନିକ ମାନଙ୍କର ହାତ ବନ୍ଧୁକର ଟ୍ରିଗର ଉପରେ ଥିଲା। କିଛି ଶହୀଦ ସୈନିକଙ୍କ ହାତ ହ୍ୟାଣ୍ଡ ଗ୍ରେନେଡ ଫିଙ୍ଗିବା ପାଇଁ ପ୍ରସ୍ତୁତ ହେଉଥିବା ମୁଦ୍ରାରେ ଥିଲା। ଏହି ଭଳି ସ୍ଥିତିରେ ଭାରତୀୟ ଜବାନ ମାନେ ମାତୃଭୂମିର କୋଳରେ ସବୁଦିନ ପାଇଁ ଶୋଇ ଯାଇଥଲେ। ଭାରତୀୟ ସୀମାରେ ଏକ ହଜାରରୁ ଅଧିକ ଚୀନୀ ସୈନିକ ମାନଙ୍କର ଶବ ମଧ ପଡିଥିଲା। ମେଜର ଶୈତାନ ସିଂହ ଓ ତାଙ୍କର ୧୪୧ ଜଣ ସାଥୀ ସୈନିକ ନିଜର ସର୍ବୋଚ୍ଚ ବଳିଦାନ ଦେଇ ଏହି ଗୁରୁତ୍ୱପୂର୍ଣ୍ଣ ପୋଷ୍ଟକୁ ରକ୍ଷା କରିଥିଲେ। ଚୀନକୁ ସଫଳ ହେବାକୁ ଦେଇ ନ ଥିଲେ।

ମେଜର ଶୈତାନ ସିଂହ ରାଜସ୍ଥାନର ଜୋଧପୁର ନିବାସୀ ଥିଲେ। ଚୀନ ସହ ଯୁଦ୍ଧ ସମାପ୍ତ ହେବା ପରେ ତାଙ୍କୁ ମରୋଣତର ପରମ ବୀର ଚକ୍ର, ଆଠ ଜଣ ସୈନିକଙ୍କୁ ବୀର ଚକ୍ର ଓ ଚାରି ଜଣଙ୍କୁ ସେନା ପଦକ ପ୍ରଦାନ କରା ଯାଇଥିଲା।

ଏହି ଯୁଦ୍ଧର ସ୍ମୃତିରେ ରଜାଂଗଲା ଠାରେ ଏକ ସ୍ମାରକ ତିଆରି କରା ଯାଇଛି। ଏଥିରେ ବଳିଦାନ ଦେଇଥିବା ୧୧୪ ଜଣ ଜବାନଙ୍କ ନାମର ଉଲ୍ଲେଖ ରହିଛି। ଏହି ବଳିଦାନୀ ଯୁଦ୍ଧକୁ ନେଇ ୧୯୬୪ ମସିହାରେ ହକିକତ ଫିଲ୍ମର ମଧ ନିର୍ମାଣ କରା ଯାଇଥିଲା। ଏଭଳି ବଳିଦାନୀ ମାନଙ୍କୁ ଶତ ଶତ ନମନ।

—ଡ. ସମନ୍ୱୟ ନନ୍ଦ

# ଉତ୍କଳ ସାମ୍ବାଦିକ ସଂଘ ଖୋରଧା ଜିଲ୍ଲା ଅନୁକୁଲ୍ୟରେ ୫୫ତମ ଜାତୀୟ ପ୍ରେସ ଦିବସ ପାଳିତ

ଖୋରଧା (ପିଏନ୍): ଉତ୍କଳ ସାମ୍ବାଦିକ ସଂଘ ଖୋରଧା ଜିଲ୍ଲା ଶାଖା ଆନୁକୂଲ୍ୟରେ ୫୫ତମ ଜାତୀୟ ପ୍ରେସ ଦିବସ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସଂଘର ସଭାପତି ପ୍ରଭାତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବର୍ଣ୍ଣାଢ୍ୟ ସମାବେଶରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଲୋକପ୍ରିୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଥିଲେ ଗଣମାଧ୍ୟମ ଗଣଚେତନାର ସଫଳ ମାଧ୍ୟମ। ପ୍ରତ୍ୟେକ ସାମ୍ବାଦିକ ଜଣେ ଜଣେ ସଂଗ୍ରାମୀର ଭୂମିକା ନିଭାଇଥା'ନ୍ତି। ନିଜ ଜୀବନକୁ ପାଣି ଛଡାଇ ସେମାନେ ନିଜର କାର୍ଯ୍ୟକୁ ସଫଳତାର ସହ ପ୍ରତିପାଦିତ କରିଥାନ୍ତି। ତେଣୁ ସେମାନେ ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜକିଶୋର ଦୋରା କହଥିଲେ ସାମ୍ବାଦିକମାନେ ଶାସକ ଓ ଶାସିତ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ସହ ସମାଜରେ ଘଟୁଥିବା ବିଭିନ୍ନ ଅନୈତିକ କାର୍ଯ୍ୟର ପର୍ଦ୍ଦାଫାସ କରି ପ୍ରଶାସନକୁ ସଜାଗ କରାଇଥାନ୍ତି। ମାତ୍ର ଦୁଃଖର ବିଷୟ ଆଜିର ସମାଜରେ ନକଲି ସାମ୍ବାଦିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ଯାହା ସମାଜ ପାଇଁ ଶୁଭଙ୍କରୀ ନୁହେଁ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ କହିଥିଲେ ସ୍ୱାଧୀନତା ପରେ ଏକ ଶକ୍ତିଶାଳୀ ସମାଜ ତଥା ରାଷ୍ଟ୍ର ଗଠନ ଦିଗରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକମାନେ ହିଁ ସରକାର ଓ ଜନସାଧାରଣ ମଧ୍ୟରେ ସଂଯୋଜକ। ଆଦର୍ଶ ଓ ମୂଲ୍ୟବୋଧର ପ୍ରତିଷ୍ଠା ଦିଗରେ ଅହରହ ସଂଗ୍ରାମ କରିଥାନ୍ତି। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସମାଜସେବୀ ସଂଜୟ ପଟ୍ଟନାୟକ ଯୋଗଦେଇ ସାମ୍ବାଦିକମାନେ ଚତୁର୍ଥ ସ୍ତମ୍ଭର ଭୂମିକା ସୁଚାରୁଭାବେ ସମ୍ପାଦିତ କରି ଶାସକ ଓ ଶାସିତ, ସାଧାରଣ ଜନତା ଓ ନେତା ପରସ୍ପର ମଧ୍ୟରେ ଭାବ, ଅଭାବ, ଅନୁଭବ ଓ ଅନୁଭୂତିର ସୂତ୍ରଧର ସାଜିଥାନ୍ତି ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସୂଚନା ତଥା ଲୋକସମ୍ପର୍କ ଅଧିକାରୀ ଶ୍ରୀ ମାନସରଂଜନ ବିଶ୍ୱାଳ ଯୋଗଦେଇ କହିଥିଲେ ସାମ୍ବାଦିକ ମାନେ ଦେଶର ପ୍ରମୁଖ ମାର୍ଗଦର୍ଶନ ସାଜି ଜନସାଧାରଣଙ୍କୁ ସଜାଗ କରାଇବା ସହ ପ୍ରଶାସନ ପାଖରେ ପ୍ରତି ମୁହୂର୍ତ୍ତରେ ତଥ୍ୟ ପହଂଚାଇବାରେ ପ୍ରମୁଖ ଭୂମିକା ଲିଭାଇଥାନ୍ତି। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରଫେସର ଡକ୍ଟର ନାରାୟଣ ରାଓ କହିଥିଲେ ଗଣତାନ୍ତିକ ରାଷ୍ଟ୍ରରେ ସମ୍ବାଦପତ୍ର ଭୂମିଟିଏ ପ୍ରସ୍ତୁତ କରେ ଯେଉଁ ଭୂମି ଉପରେ ଶାସକ, ଶାସିତ ଓ ଜନସାଧାରଣ ଆପଣାର ଭାବ, ଅଭାବ ବିନିମୟ କରିଥାନ୍ତି। ଅହିଂସାର ଉପାସକ ମହାତ୍ମା ଗାନ୍ଧୀଙ୍କ ଏକମାତ୍ର ଅସ୍ତ୍ର ବୋଲି ଯଦି କିଛି ଥିଲା ତାହା ଥିଲା ସମ୍ବାଦପତ୍ର। ଏହି ସମ୍ବାଦପତ୍ର ବଳରେ ସେ ଲୋକନାୟକ ଭାବେ ସମାଜରେ ସ୍ୱାଧୀନତା ଆଣିବାରେ ସକ୍ଷମ ହୋଇଥିଲେ। ସାମ୍ବାଦିକମାନେ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବାଲୁଗାଁ ଏସ.ଡି.ପି.ଓ. ମାନସ ରଂଜନ ବାରିକ, ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଶ୍ୱେତାଙ୍କ ଦାଶ, ଧରତ୍ରୀର ଜିଲ୍ଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀଙ୍କୁ ମଂଚାସିନ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ବରେଣ୍ୟ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ବଳନ କରିଥିଲେ। ମୁଖ୍ୟ ଉପଦେଷ୍ଟା ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ସ୍ୱାଗତ ଭାଷଣ ଓ ଅତିଥ ପରିଚୟ ଦେଇଥିଲେ। ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ବିଷୁବ ମିଳନର ସମ୍ପାଦକ ଜ୍ଞାନରଂଜନ ଦାସ, ଆଇନଜୀବୀ ଶିଶିର ପରିଡା ପ୍ରମୁଖ ପ୍ରେସ ଦିବସ ଉପରେ ଆଲୋକପାତ କରିଥିଲେ। ଶେଷରେ ସଂଘର ସମ୍ପାଦକ ସତ୍ୟ ପାଇକରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସମାବେଶରେ ବିଭିନ୍ନ ବ୍ଲକର ଶତାଧିକ ସାମ୍ବାଦିକ ଉପସ୍ଥିତ ରହିଥିଲେ।

# ବିଦ୍ୟୁତ ଯୋଗାଣରେ ଟାଳଟୁଳ ନୀତି: ମୋ ସରକାର ପ୍ରତି ତାଚ୍ଛଲ୍ୟ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧାର ମଙ୍ଗଳା ନଗର ରେ ବସବାସ କରୁଥିବା ଜନୈକ ବିଦ୍ୟୁତ ବିଭାଗର କର୍ମଚାରୀ ପ୍ରଶାନ୍ତ କୁମାର ମହାନ୍ତି ଭୁବନେଶ୍ୱର ରସୁଲଗଡ ଡିଭିଜନରେ କାର୍ଯ୍ୟରତ। ସେ ମଦନପୁର ସ୍ଥିତ ବିଭବ ଆପାର୍ଟମେଣ୍ଟରେ ନିଜର ପୁତ୍ର ପ୍ରୀତମ କୁମାର ମହାନ୍ତିଙ୍କ ନାମରେ ଘରଟିଏ ନେଇଛନ୍ତି। ଉକ୍ତ ଘରେ ବିଦ୍ୟୁତ ସଂଯୋଗ ନିମିତ OPTCl ତଥା ମୋ ସରକାର ଙ୍କ ନୀୟମାନୁଯାୟୀ ଅନ୍ ଲାଇନ ରେ ଦରଖାସ୍ତ କରିବା ସହ ୬୫୮୫ ଟଙ୍କା ରସିଦ୍ କ୍ରମାଙ୍କ 1633685580T 116160 ତାରିଖ ୮.୧୦.୨୧ ରିଖରେ ପଇଠ କରିଥିଲେ। ଜଣେ ବିବାଗୀୟ କର୍ମଚାରୀ ଭାବରେ ଉକ୍ତ ଡିଭିଜନର ଏସ୍.ଡି.ଓ ଓ କନିଷ୍ଠ ଯନ୍ତ୍ରୀ ସାମନ୍ତରାୟ, ବାଣିଜ୍ୟ ଯନ୍ତ୍ରୀ ନାଏକ ବାବୁଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ ତାଙ୍କ କଥାକୁ କର୍ଣ୍ଣପାତ ନକରି ମହମଦ୍ ଟୋଗଲକ୍‌ଙ୍କ ନୀତି ଆପଣେଇବା ସହ ଆଜି କାଲି କରି ସମୟ ଗଡାଇ ଚାଲିଚନ୍ତି ଯାହା ସ୍ପଷ୍ଟ ତାଙ୍କର ମନ୍ଦ ଉଦେଶ୍ୟକୁ ପ୍ରମାଣିତ କରେ। ଉକ୍ତ ବିଷୟରେ ଶ୍ରୀ ମହାନ୍ତି ବୟୋ ଜ୍ୟେଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓ ମାର୍ଗଦର୍ଶୀର ସମ୍ପାଦକଙ୍କୁ ଜଣାଇବା ପରେ ସେ ଉକ୍ତ ବିଷୟରେ ବିଭାଗୀୟ ଅଧିକାରୀ ଏସ୍.ଡି.ଓ ତଥା କନିଷ୍ଠ ଯନ୍ତ୍ରୀ ଟେକ୍ନିକାଲ ଶ୍ରୀ ସାମନ୍ତରାୟ ଓ ବାଣିଜ୍ୟ ଯନ୍ତ୍ରୀ ନାଏକଙ୍କୁ ପଚାରିବାରେ ସେ ଉକ୍ତ ବିଷୟକୁ ହେୟଜ୍ଞାନ କରିବା ସହ ହବତ ତା ସମୟ ଆସିଲେ କହି ଫୋନ କାଟି ଦେଇଥିଲେ । ବୀଭାଗୀୟ ଏସ୍.ଡି.ଓ ଦୀପକ ବେହେରା କହିଥିଲେ ଶ୍ରୀ ମହାନ୍ତିର ଡିଟେଲ୍ସ ଓ୍ୱାଟସପ ରେ ପଠାଇବା ପାଇଁ । ସମ୍ପୁର୍ଣ୍ଣ ବିବରଣୀ ପଠାଇବାର ଏଇ ଭିତରେ ୧୭ ଦିନ ବିତିଯାଇଥରଲେ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ନିଆ ଯାଇନାହିଁ। ଏ ବିଷୟରେ ମାନ୍ୟବର ମୂଖ୍ୟମନ୍ତ୍ରୀ ତଥା ୫ଟି ସଚ୍ଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ ମଧ ଏସ୍.ଡି.ଓ ଶ୍ରୀ ବେହେରା କୌଣସି ପଦକ୍ଷେପ ନ ନେଇ ବେଫିକର ଭାବେ ବସିଛନ୍ତି ଯାହା "ମୋ ସରକାର" ପ୍ରତି ଅଙ୍ଗୁଳି ଦେଖାଇବା ସହ ଅଫିସରମାନଙ୍କର ଜନସାଧାରଣଙ୍କ ପ୍ରତି ଏପରି ବ୍ୟବହାର ଭବିଷ୍ୟତ ପାଇ ବିପଦ ହେବାସହ ଆଗକୁ ଆସୁଥିବା ପଂଚାୟତ ନିର୍ବାଚନ ପାଇଁ ଅଡୁଆ ନହେଉ। ବିଭାଗୀୟ ଉଚ ଅଧିକାରୀ ଏହା ଉପରେ ଦୃଷ୍ଟି ଦେବାସହ ଆଖିଦୃଶିଆ ପଦକ୍ଷେପ ନେବାପାଇଁ ଜନସାଧାରଣରେ ଦାବୀ ହେଉଛି।

# ବଳରାମପୁର ପଂଚାୟତ ବିଜେଡିରେ ଗୋଷ୍ଠୀ କନ୍ଦଳ



ଘଷିପୁରା (ପିଏନ୍): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରଂକ୍ଷଣ ପ୍ରକ୍ରିୟା ଏବେ ଚୁଡା' ଅବସ୍ଥାରେ ପହଞ୍ଚିଥିବା ବେଳେ ଘଷିପୁରା ବ୍ଲକ ବଳରାମପୁର ପଂଚାୟତର ସରପଂଚ ପଦବୀକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଏବେ ପଂଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁସାରେ ବଳରାମପୁର ପଂଚାୟତର ତିନୋଟି ସ୍ଥାନରେ ଓମବାଡସି ଅନୁଦାନରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁଛି । ଯାହାକୁ ବିଜେଡିର ଏକ ଗୋଷ୍ଠୀ କରୁଛନ୍ତି । ପଂଚାୟତର ଦାୟୀତ୍ୱ ବୁଝୁଥିବା ଅନ୍ୟ ଏକ ଗୋଷ୍ଠୀ ପ୍ରକଳ୍ପ ଗୁଡିକର ଠିକା କାମ ନିମ୍ନମାନର ହେଉଥିବା ନେଇ ଏକ ଅଭିଯୋଗପତ୍ର ସ୍ଥାନୀୟ କେତେକ କଂଗ୍ରେସ ନେତା କରୁଣାକର ଜେନା, ଗଙ୍ଗାଧର ପୃଷ୍ଟି, କୃଷ୍ଣଚନ୍ଦ୍ର ସାହୁ, କାହ୍ନୁଚରଣ ସାହୁ, ରାମଚନ୍ଦ୍ର ସାହୁ ଓ ପୂର୍ବତନ ସରପଂଚ କଳାକର ନାୟକଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଗତ ୨୩ତାରିଖରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ କ୍ରମେ ଘଷିପୁରା ବିଡିଓ ଅସିତ୍ କୁମାର ମହାଁ ୮ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଅଭିଯୋଗକାରୀ ଉପସ୍ଥିତ ରହି ତଦ'ରେ ସହଯୋଗ କରିବାକୁ ଚିଠି କରିଥିଲେ । ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ କ୍ରମେ ନିର୍ବାହୀଯନ୍ତ୍ରୀ ମାନସ ରନ ଦାସ, ଓମବାଡିସ ଯନ୍ତ୍ରୀ ହିମାଂଶୁ ପରିଡା, ବ୍ଲକ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ସସ୍ମିତା ପାତ୍ର,ସରସ୍ୱତୀ ମାଝୀ ପ୍ରମୁଖ ସ୍ଥାନୀୟ ହାଇସ୍କୁଲରେ ପହଂଚି ତଦ' ଆରମ୍ଭ କରିଥିଲେ । ତଦ' ସମୟରେ କଂଗ୍ରେସ ନେତା ତଥା ପୂର୍ବତନ ସରପଂଚ କଳାକର ନାୟକ, ନିରନ ପଣ୍ଡା, ସନାତନ ଆଚାର୍ଯ୍ୟ, ମହେଶ୍ୱର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସେମାନେ ଏ ସମ୍ପର୍କରେ କୌଣସି ଅଭିଯୋଗ କରିନଥିବା କହିଥିଲେ । ପଂଚାୟତ ପ୍ୟାଡ୍‌ରେ ସେମାନଙ୍କ ଜାଲ ଦସ୍ତଖତ କରି ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରାଯାଇଛି ବୋଲି ଉପସ୍ଥିତ କଂଗ୍ରେସ ନେତାମାନେ ଅଭିଯୋଗ କରିବା ସହିତ ଏ ସମ୍ପର୍କରେ ଅନୁଧାନ କରାଯାଇ ମିଛ ଅଭିଯୋଗ କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ । ତଦ'କାରୀ ଦଳ ଅଭିଯୋଗକାରୀଙ୍କ ନମୁନା ସ୍ୱାକ୍ଷର ସଂଗ୍ରହ କରିବା ସହ ନିର୍ମାଣଧିନ ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରିଥିଲେ ।

# କୋଏଲନଗର ବି ବ୍ଲକ୍ ସରକାରୀ ଉପ୍ରା ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଛି

ରାଉରକେଲା (ପିଏନ୍) : ରାଜ୍ୟ ସରକାର ବିଦ୍ୟାଳୟର ଭିତିଭୂମିକୁ ମଜବୁତ କରି ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ପ୍ରଚାରରେ ମାତିଛନ୍ତି । ତେବେ ରାଉରକେଲା ମହାନଗର ନିଗମ ଅ'ର୍ଗତ କୋଏଲନଗର ଠାରେ ଅବସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାମ୍ପ୍ରତିକ ଅବସ୍ଥାକୁ ଦେଖିଲେ ଏସବୁ ପ୍ରଚାର ଯେ ନିଛକ ପ୍ରହସନ ତାହା ସ୍ପଷ୍ଟ ବୁଝା ପଡୁଛି ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ଏକ ପ୍ରେସ୍ ବିବୃତିରେ ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ଯେ, କୋଏଲନଗର ବି ବ୍ଲକ୍ ଠାରେ ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ । ସମ୍ପ୍ରତି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଏହି ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ ପାଇଁ ଆଜି ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଗତ ୧୯୮୬ ମସିହାରେ ପ୍ରତିଷ୍ଠିତ ବିଦ୍ୟାଳୟ କୋଠାଟି ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ନେତୃବୃନ୍ଦ ଦେଖିଥିଲେ । ଛାତରୁ ସିମେଣ୍ଟ ସ୍ଲାବ୍ ଖସୁଥିବା ବେଳେ ବିଦ୍ୟାଳୟର ଝରକା, କବାଟ ସବୁ ଭାଙ୍ଗିରୁଜି ଯାଇଥିବା ଦେଖିଥିଲେ । ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ ନିର୍ମିତ ଶୌଚାଳୟର ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ କାନ୍ଥସବୁ ଫାଟି ଆଁ କରିଥିବା ଦେଖିବାକୁ ପାଇଥିଲେ । ଅପରପକ୍ଷରେ ଗତ ୨୦୦୬ ମସିହାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରେ ନିର୍ମିତ ବିଦ୍ୟାଳୟ କୋଠା ମରାମତି ଅଭାବରୁ କେତେକ ଜାଗାରେ ଛାତରୁ ସିମେଣ୍ଟ ସ୍ଲାବ୍ ଖସିବା ସହିତ ଅନେକ ସ୍ଥାନରେ ଛାତ ଉପରେ ପାଣି ଜମି ରହୁଥିବାରୁ ଛାତ ତଳ ଭିଜୁଥିବା ପରିଲକ୍ଷିତ ହୋଇଥିଲା ଏବଂ ବର୍ଷା ଦିନରେ ଏସବୁ ସ୍ଥାନରେ ପାଣି ଗଳୁଥିବାର ଜଣାପଡିଥିଲା । ତେବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟ' ପାଠ ପଢାର ବ୍ୟବସ୍ଥା ଥିବା ଏହି ବିଦ୍ୟାଳୟର ମାତ୍ର ୪ଟି ଶ୍ରେଣୀ ଗୃହରେ ୮ଟି ଶ୍ରେଣୀର ଛାତ୍ରଛାତ୍ରୀ ପଢୁଥିବା ଜାଣି କଂଗ୍ରେସ ପ୍ରତିନିଧି ଦଳ ବିସ୍ମୟ ପ୍ରକାଶ କରିଥିଲେ । ଆହୁରି ମଧ କରୋନା କଟକଣା ଯୋଗୁଁ ଏବେ କେବଳ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠପଢା ହେଉଥିବା ବେଳେ ଏହି ଶ୍ରେଣୀର ପିଲାମାନେ ବେଞ୍ଚ ଓ ଡେସ୍କ ନଥିବାରୁ ଚଟାଣର ଦରି ଉପରେ ବସି ପାଠ ପଢୁଥିବା ଦେଖାଯାଇଥିଲା । ତେଣୁ ବିଦ୍ୟାଳୟର ସାମ୍ପ୍ରତିକ ଅବସ୍ଥାକୁ ଦେଖି ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡୁନଥିବାରୁ ବିଦ୍ୟାଳୟର ସମୁଦାୟ ଛାତ୍ରଛାତ୍ରୀ ସଂଖ୍ୟା ମାତ୍ର ୭୫ରେ ପହଞ୍ଚିଛି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । କୋଏଲନଗର ଭଳି ଏକ ଶିକ୍ଷକ ଓ ସମ୍ଭ୍ରାନ୍ତ ଶ୍ରେଣୀୟ ଲୋକଙ୍କ ଆବାସିକ କଲୋନୀରେ ଏକ ସୁନ୍ଦର ପରିବେଶ ଗଢି ଉଠିଥିବା ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅବହେଳା ଓ ଅଣଦେଖା କରି ବନ୍ଦ କରିଦେବା ପାଇଁ ଚକ୍ରା' ଚାଲିଛି ବୋଲି ଶ୍ରୀ ସେନାପତି ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ଖୁବ୍ ଶୀଘ୍ର ଉକ୍ତ ସମସ୍ୟା ନେଇ କଂଗ୍ରେସ ପ୍ରତିନିଧି ଦଳ ଉକ୍ତ ଅଞ୍ଚଳ ବାସିନ୍ଦାଙ୍କୁ ସାଙ୍ଗରେ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଇବ ବୋଲି ଶ୍ରୀ ସେନାପତି କହିଛନ୍ତି । ଏହି ପ୍ରତିନିଧି ଦଳରେ ଶ୍ରୀ ସେନାପତିଙ୍କ ସମେତ କଂଗ୍ରେସ ମୁଖପାତ୍ର ଇଂ.ଆର୍.ପି. ସିଂହ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, ବ୍ଲକ୍ କଂଗ୍ରେସ ସଭାପତି ପ୍ରତାପ ବେହେରା, ଉପସଭାପତି ବିଜୟ କୁମାର ବେହେରା ଓ ସାମାଜିକ ଗଣମାଧ୍ୟମର ସୁଧୀର ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ ବୋଲି ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଜାରକା ଅଞ୍ଚଳରେ ଦୁଇ ଦିନରେ ୫ଘରୁ ଚୋରି

ଧର୍ମଶାଳା (ପିଏନ୍): ପୁଣି ଜଣେ ପୁଲିସ୍ ବାବୁଙ୍କ ଘରେ କଳାକନା ବୁଲାଇଲେ ଚୋର । ସତେ ଯେମିତି ଚୋରଙ୍କ ଟାର୍ଗେଟ୍‌ରେ ଏବେ ଜାରକା ଅଞ୍ଚଳରେ ରହୁଥିବା ପୁଲିସ୍ ଅଧିକାରୀ । ଧର୍ମଶାଳା ଥାନା ପୁଲିସ୍‌କୁ ଖୋଲା ଚ୍ୟାଲେଂଜ ଦେଇ ଜଣକ ପରେ ଜଣେ ପୁଲିସ୍ ଅଫିସରଙ୍କୁ ଟାର୍ଗେଟ୍ କରୁଛନ୍ତି । ପୂର୍ବରୁ ମଧ୍ୟ ଏକାଧିକ ପୁଲିସ୍ କର୍ମଚାରୀଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ବାରମ୍ବାର ପୁଲିସ୍ କର୍ମଚାରୀଙ୍କ ଘରୁ ଚୋରମାନେ ଲୁଟ୍‌ପାଟ୍ କରି ଖସି ଯାଉଥିଲେ ମଧ୍ୟ, ପୁଲିସ୍ ସେମାନଙ୍କୁ ଧରିବାରେ ସଫଳ ହୋଇପାରୁନାହିଁ । ପୁଲିସ୍ ଅଧିକାରୀଙ୍କୁ ସୁରକ୍ଷା ଦେଇ ପାରୁନଥିବା ପୁଲିସ୍ ସାଧାରଣ ଲୋକଙ୍କୁ କିପରି ସୁରକ୍ଷା ଦେବ, ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକାଶ ଯେ, ଜାରକା ନିକଟ ଜାମୁବଣିଆ ମୌଜାରେ ରହୁଥିବା କଟକ ବାଦାମବାଡି ଥାନାର ପୁଲିସ୍ ଏସ୍‌ଆଇ ଜଗଦୀଶ ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ସୁନା ଅଳଙ୍କାର ସମେତ ୩୦ହଜାର ଟଙ୍କା ଚୋରି ହେବାର ଗୋଟିଏ ଦିନ ପରେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ପୁଲିସ୍ ଏସ୍‌ଆଇ ବିଶ୍ୱନାଥ ପଣ୍ଡାଙ୍କ କୁମାରୀ ନିକଟସ୍ଥ ବାସଭବନରୁ ଚୋରି ହୋଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି । ବିଶ୍ୱନାଥଙ୍କ ପୁଅ ଭୁବନେଶ୍ୱର ଯାଇ ସେହିନ ଘରକୁ ଫେରି ପାରିନଥିଲେ । ଏହାର ସୁଯୋଗ ନେଇ ଚୋରମାନେ ବିଳମ୍ବିତ ରାତିରେ ଗ୍ରୀଲ୍ ତାଲା ଭାଙ୍ଗିବା ସହିତ ଘରେ ପଶି ସୁନା ଗହଣା ଓ ଟଙ୍କା ଲୁଟି ନେଇଥିବା ଏତଲାରେ ଦର୍ଶାଯାଇଛି । ସେହିପରି ତାଙ୍କ ଘରେ ଭଡାରେ ରହୁଥିବା ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ଦେବାଶିଷ ପାଣିଙ୍କ ଘରେ ମଧ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଦେବାଶିଷ ତାଙ୍କ ପତ୍ନୀଙ୍କୁ ନେଇ ଶ୍ୱଶୁର ଘରକୁ ଯାଇ ଆଉ ରାତିରେ ଫେରି ପାରିନଥିଲେ । ଘରକୁ ଆସି ଦେଖନ୍ତି ତ' ଘର ଗ୍ରୀଲ୍ ତାଲା ଭଙ୍ଗାଯାଇଛି । ପତ୍ନୀଙ୍କ ସୁନା ହାର, ମଙ୍ଗଳସୂତ୍ର, ଶାଙ୍ଖି, କାନଫୁଲ, ମୁଦି, ପାଉଁଜି ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ଦେଉଳିପାଳ ଆଦର୍ଶ ବିଦ୍ୟାଳୟ ନିକଟରେ ରହୁଥିବା ଶିକ୍ଷୟିତ୍ରୀ କବିତା ସାମଲ ପରିବାର ସହିତ ବନ୍ଧୁ ଘରକୁ ଯାଇଥିବା ବେଳେ ସନ୍ଧ୍ୟାରେ ଆସି ଦେଖନ୍ତି ତ' ତାଙ୍କ ଘରୁ ଦିନ ଦ୍ୱିପ୍ରହରରେ ଚୋରି ହୋଇଯାଇଛି । ସୁନା ଅଳଙ୍କାର, ୩୦ହଜାର ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ଚୋରମାନେ ଲୁଟି ନେଇଥିବା ସେ ଏତଲାରେ ଦର୍ଶାଇଛନ୍ତି । ସେହିପରି ଚୋରମାନେ ଜାମୁବଣିଆ ମୌଜାରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଦ୍ୱାରିକାନାଥ ଜେନାଙ୍କ ଘରେ ପଶି ଲୁଟ୍‌ପାଟ୍ କରିଛନ୍ତି । ଚୋରମାନେ ବିଳମ୍ବିତ ରାତିରେ ଘରେ ପଶି ଦ୍ୱାରିକାନାଥଙ୍କ ପୁଅବୋହୂ ଶୋଇଥିବା ବଖରାରେ ବାହାରୁ ତାଲା ପକାଇ ଦେଇଥିଲେ । ଅନ୍ୟ ଏକ ବଖରାରେ ଥିବା ଆଲମିରାର ତାଲାଭାଙ୍ଗି ସୁନା ଚେନ୍, କାନଫୁଲ, ବାହୁଟି ଓ ୧୨ହଜାର ଟଙ୍କା ଲୁଟି ନେଇଛନ୍ତି । ଅଭିଯୋଗ ପାଇ ପୁଲିସ୍ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲେ ହେଁ, ଚୋରି ସଂପର୍କରେ କୌଣସି ସୁରାକ୍ ପାଇନାହିଁ । ତେବେ ଦୁଇ ଦିନରେ ୨ଜଣ ପୁଲିସ୍ ଅଧିକାରୀଙ୍କ ସମେତ ୫ଜଣଙ୍କ ଘରେ ଚୋରି ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି । ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୧୮

# ପଂଚୁକ ମାହାତ୍ମ୍ୟ





ବାରମାସ ମଧ୍ୟରେ କାର୍ତ୍ତିକ ଶ୍ରେଷ୍ଠ । ''ସ୍କନ୍ଦପୁରାଣ ମତେ, ନ କାର୍ତ୍ତିକ ସମୋ ମାସୋ, ନକୃତେନ ସମଂଯୁଗମ୍, ନବେଦ ସଦୃଶଂ ଶାସ୍ତ୍ରଂ, ନତୀର୍ଥ ଗଙ୍ଗୟୋସମଂ ।'' କାର୍ତ୍ତିକଂ ଖଳୁ ବୈ ମାସଂ, ସର୍ବମାସେ ସୁରେଶସମ । ପୁଣ୍ୟଂ ନାଂପରମ ପୁଣ୍ୟଂ, ପାବନାନାଂ ପାବନମ ।'' ଅର୍ଥାତ୍ କାର୍ତ୍ତିକ ମାସପରି ମାସନାହିଁ, ସତ୍ୟ ଯୁଗପରି ଯୁଗ ନାହିଁ, ବେଦସମ ଶାସ୍ତ୍ର ନାହିଁ । ଗଙ୍ଗା ସଦୃଶ ତୀର୍ଥ ନାହିଁ । କାର୍ତ୍ତିକ ମାସଟି ଏକ ପବିତ୍ର ମାସ । ଧର୍ମାର୍ଥେ ଏହି ମାସଟି କାର୍ତ୍ତିକ ବ୍ରତ ଏବଂ ଶାକାହାର ଭୋଜନ କରାଯାଏ । ଏହାକୁ ବ୍ରତଚାରୀମାନଙ୍କ ପାଇଁ ହବିଷ୍ୟାନ୍ନ କୁହାଯାଏ । କାର୍ତ୍ତିକ ବ୍ରତ ଉଭୟ ପୁରୁଷ ଓ ସ୍ତ୍ରୀ କରିପାରିବେ । ତେବେ ସଚରାଚର ଯାହା ଦେଖାଯାଉଛି, ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀମାନେ ବିଶେଷକରି ବିଧବାମାନେ ବେଶୀ କରିଥାନ୍ତି । ବ୍ରତଚାରୀମାନେ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ ବ୍ରତାନୁଷ୍ଠାନ କରିଥାନ୍ତି; ସଂପୂର୍ଣ୍ଣ କାର୍ତ୍ତିକ ମାସଟି ବ୍ରତାଚରଣ କରିଥାଆନ୍ତି; ଯେଉଁମାନେ ପୂରା ମାସଟି କରି ନ ପାରନ୍ତି, କାର୍ତ୍ତିକ ମାସର ଶେଷ ପାଂଚଦିନ ଏହି ବ୍ରତ ପାଳନକଲେ ଉକ୍ତ ମାସର ଧର୍ମଫଳ ପ୍ରାପ୍ତହୁଅନ୍ତି ବୋଲି ବିଶ୍ୱାସକରାଯାଏ । ଏହି ଶେଷ ପାଂଚଦିନକୁ କୁହନ୍ତି 'ପଂଚୁକ' । ପଞ୍ଚୁକକୁ ଭିନ୍ନନାମରେ ନାମିତ କରାଯାଇଛି । ଯଥା: ବିଷ୍ଣୁ ପଂଚୁକ, ଭୀଷ୍ମ ପଞ୍ଚୁକ ଏବଂ ବକ ପଞ୍ଚୁକ । ଆମେ ଜାଣିଛେ ମହାଭାରତର ଭୀଷ୍ମ ପିତାମହ ଇଚ୍ଛାମୃତ୍ୟୁ ବର ପାଇଥିଲେ । ସେଥିପାଇଁ ଶରଶଯ୍ୟା ବେଳେ ସେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିକୁ ଅପେକ୍ଷା କରିଥିଲେ । କାରଣ ଏହି ସମୟରେ ଯାଁ'ର ମୃତ୍ୟୁ ହୁଏ, ତାର ମୋକ୍ଷ ପ୍ରାପ୍ତି ହୁଏ । ଏହି କାରଣରୁ ଭୀଷ୍ମଙ୍କର ଇଚ୍ଛା ମୃତ୍ୟୁ ଥିଲେ ହେଁ ସେ ପଞ୍ଚୁକ ପୂର୍ବରୁ ମୃତ୍ୟୁର ବେଳାକୁ ଆହ୍ୱାନ ନକରି କାର୍ତ୍ତିକ ପଞ୍ଚୁକପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ପୁନଶ୍ଚ ମହାଭାରତ ଯୁଦ୍ଧରେ ଅନ୍ୟାୟ ପକ୍ଷରେ ଲଢ଼ି ନିରୀହ ଲୋକଙ୍କୁ ବଧ କରିଥିବାରୁ କିଛି ପାପ ଅର୍ଜନ କରିଥିଲେ । ମୋକ୍ଷ ପ୍ରାପ୍ତିପୂର୍ବରୁ ଏ ପାପ ଶରଶଯ୍ୟାରେ କଟି ଯାଉବୋଲି ଏକଥା ତାଙ୍କୁ କୃଷ୍ଣ ବା



ବିଷ୍ଣୁ ସୂଚାଇ ଦେଇଥିଲେ । ଏହି କାରଣରୁ ଏହାକୁ 'ଭୀଷ୍ମ ପଞ୍ଚୁକ' ବା 'ବିଷ୍ଣୁ ପଞ୍ଚୁକ' ମଧ୍ୟ କୁହାଯାଏ। ଏହାକୁ 'ବକ ପଞ୍ଚୁକ' କହିବାର କାରଣ ଏହି ଯେ, ଧର୍ମପାଇଁ ବକ ମଧ୍ୟ ଏ ପାଂଚଦିନ ଆମିଷ ଖାଏ ନାହିଁ। ଅର୍ଥାତ୍ କି ମଣିଷ, କି ଇତରପ୍ରାଣୀ, ଏ କାର୍ତ୍ତିକ ବ୍ରତ, କିଛି ନହେଲେ ଶେଷ ପାଂଚଦିନ ପାଳନ କରିଥାନ୍ତି । ଏହାହିଁ କାର୍ତ୍ତିକ ମାସର ପଞ୍ଚୁକ ମାହାତ୍ମ୍ୟ । ପଞ୍ଚୁକ ପାଳନ ଦ୍ୱାରା ପାପନାଶ ଓ ମୋକ୍ଷ ପ୍ରାପ୍ତି ଘଟେ ଯାହାକି, ପ୍ରତିଟି ଜୀବନର ଚରମ ଲକ୍ଷ୍ୟ । ପଞ୍ଚୁକ ପାଞ୍ଚଦିନ ଶ୍ରୀମନ୍ଦିରରେ ଶ୍ରୀ ଜଗନ୍ନାଥ ଓ ତାଙ୍କ ଭାଇ ଭଉଣୀଙ୍କର ପାଞ୍ଚପ୍ରକାର ବେଶହୁଏ । ପଞ୍ଚୁକ ଶୁକ୍ଳ ଏକାଦଶୀ (ବଡ଼ ଏକାଦଶୀ)ରେ ଲକ୍ଷ୍ମୀ ନାରାୟଣବେଶ, ଦ୍ୱାଦଶୀରେ ବାଙ୍କଚୂଡ଼ା ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ; ଚତୁର୍ଦ୍ଦଶୀରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ ପୂର୍ଣ୍ଣିମାଦିନ ରାଜ ରାଜେଶ୍ୱର ବା ସୁନାବେଶ ଲାଗିହୁଏ । ଯେଉଁ ବର୍ଷ ପଂଚୁକ ଛଦିନ ପଡ଼େ, ସେବର୍ଷ ଷଷ୍ଠ ଦିବସଟିରେ ଜୀଉମାନଙ୍କର ନାଗାର୍ଜୁନ ବେଶ ହୁଏ । ପଞ୍ଚୁକ ଶେଷଦିନହିଁ କାର୍ତ୍ତିକ ପୂର୍ଣ୍ଣିମା । ଏହା କାର୍ତ୍ତିକ ବ୍ରତର ଉଦ୍‌ଯାପନ ଦିବସ। ସେଦିନ ଆବାଲ୍ୟ ବୃଦ୍ଧ ବନିତା ପ୍ରାତଃ ସ୍ନାନସାରି ଡ଼ଙ୍ଗା ଭସାଇବାକୁ ନଦୀ କୂଳକୁ ଯାଆନ୍ତି । କଦଳୀ ପଟୁକା ବା ସୋଲରେ ପ୍ରସ୍ତୁତ ଡ଼ଙ୍ଗାରେ ଦୀପଦାନ ଦେଇ ଡ଼ଙ୍ଗା ଭସାଇଦିଅନ୍ତି:ଆକାମାଭୈ ପାନଗୁଆ ଥୋଇ । ପାନଗୁଆଯାକ ତୋର, ମାସକ ଧରମ ମୋର, ଏମିତି ବାଣୀରେ । ଏହି ପଦ୍ୟଗୁଡ଼ିକ ଉଭୟ ପ୍ରାଚୀନ ବୋଉତ ବନ୍ଦାଣର ସ୍ମୃତି ଓ ମାସକଯାକ ଚାଲୁରଖିଥିବା 'ରାଇଦାମୋଦର ବ୍ରତ'ର ଉଦ୍‌ଯାପନକୁ ବୁଝାଏ। ଏଇଠି ସରେ ଧର୍ମାର୍ଥେ ଆକାଶ ଦୀପ ଓ ତୁଳସୀ ପୂଜାର କାହାଣୀ । ପଂଚୁକରେ ପଡ଼େ ବଡ଼ଓଷା । ପଞ୍ଚୁକର ପାଞ୍ଚଦିନର ସକାଳ ଶୁଭ ଓ ପବିତ୍ର ବେଳାରେ ଆସେ ବୋଲି, ଏହି ଓଷାକୁ ଶ୍ରେଷ୍ଠ ବା ବଡ଼ଓଷା କୁହନ୍ତି । ଅନେକ ଦେବାଳୟ ସ୍ଥାନରେ ବଡ଼ଓଷା ଯାତ୍ରା ମହାସମାଗମରେ ପାଳିତ ହୁଏ । କାର୍ତ୍ତିକବ୍ରତ ମୁଖ୍ୟତଃ ବିଷ୍ଣୁ ଉପାସନାକାରଣରୁ ଏବଂ ତୁଳସା ତାଙ୍କ ଅତିପ୍ରିୟ ହେତୁ, ତୁଳସୀ ମୂଳେ ଚଉରାରେ ରଙ୍ଗବେରଙ୍ଗର ମୁରୁଜ ପକାଇ ଚିତ୍ରିତ କରାଯାଏ । ଏହି ଚିତ୍ର ମଧ୍ୟରେ ଥାଏ ଜୀଉମାନଙ୍କର ଚିତ୍ର, ଫୁଲ ଓ ଶଙ୍ଖର ଚିତ୍ର । ତୁଳସୀ ଚଉରାମୂଳେ ବୃନ୍ଦାବତୀଙ୍କ ପୂଜାହୁଏ । ଉଦ୍ଦେଶ୍ୟ ହେଲା ବୃନ୍ଦାବତୀଙ୍କ ମାଧ୍ୟମରେ ବିଷ୍ଣୁପ୍ରାପ୍ତି ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ., ୯୯୩୮୩୪୪୧୩୮

## ଆଜିର ଅନୁଚିନ୍ତା

**ନିଜ ପିଲାଙ୍କ ଭଳି ଅନ୍ୟ ପିଲାଙ୍କୁ ଆଦର କର ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଅସ୍ଥିର ଆରବ ଜଗତ

**ସୌମେନ୍ଦ୍ର ଜେନା**

ଆଜି ପୃଥିବୀର ଅସ୍ଥିରତା ମଧ୍ୟରେ ଆରବ ଜଗତର ଭୂମିକା ଅଧିକ ରହୁଛି ବୋଲି ଚର୍ଚ୍ଚା ହେଉଛି । ଅର୍ଥରେ ସମୃଦ୍ଧ ଏହିସବୁ ଦେଶମାନଙ୍କରେ ସବୁବେଳେ ଅଶାନ୍ତି ଲାଗିରହିଛି । ତେବେ ଆରବ ଜଗତ କହିଲେ ସାଧାରଣଙ୍କ ଆରବୀ ଭାଷାର ପ୍ରାଧାନ୍ୟ ରହିଥିବା ଏସିଆ ଓ ଆଫ୍ରିକାର ୨୨ଟି ରାଷ୍ଟ୍ରଗୋଷ୍ଠୀକୁ ବୁଝାଇଥାଏ, ଯାହା ଆରବ ଲିଗ ଭାବରେ ପରିଚିତ । ଏହିସବୁ ଦେଶ ପଶ୍ଚିମ ଏସିଆ, ଉତ୍ତର ଆଫ୍ରିକା, ପଶ୍ଚିମ ଆଫ୍ରିକା, ପୂର୍ବ ଆଫ୍ରିକାରେ ରହିଛନ୍ତି । ପୂର୍ବରେ ମସରିକଠାରୁ ପଶ୍ଚିମରେ ମଘରେବ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ଏହି ଗୋଷ୍ଠୀର ରାଷ୍ଟ୍ରଗୁଡିକରେ ପ୍ରାୟ ୪୪କୋଟି ଜନତା ବସବାସ କରିଥାନ୍ତି । ଏହିସବୁ ରାଷ୍ଟ୍ରଗୁଡିକର ମିଳିତ ଜିଡିପି ପାଖାପାଖି ୩ ଟ୍ରିଲିଅନ ଡଲାର ଓ ମୁଣ୍ଡପିଛା ଆୟ ୬୬୪୭ ଡଲାର । ଏହି ଆରବ ଗୋଷ୍ଠୀ ବା ଆରବ ଲିଗ୍ ସଂଗଠନ ୧୯୪୪ର ଆଲେକଜାଣ୍ଡ୍ରିଆ ଘୋଷଣାନୁସାରେ ଆରମ୍ଭ କରିଥିଲେ । ବଡ କଥା ହେଲା ଏହି ଗୋଷ୍ଠୀର ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରୁ କେତେକ ବହୁସମୃଦ୍ଧ ହୋଇଥିଲା ବେଳେ କେତେକ ନାନାଦି ସମସ୍ୟାରେ ରହିଛନ୍ତି । ଅତୀତରେ ଏହି ଗୋଷ୍ଠୀକୁ ଆରବ ଲିଗ୍‌ର ସଦସ୍ୟ ରାଷ୍ଟ୍ର ପ୍ରଭାବିତ କରୁଥିଲେ । ଅଥଚ ଆଜି ତୁର୍କୀ,ଇରାନ ଏବଂ ଇସ୍ରାଏଲ ପରି ଅଣଆରବ ରାଷ୍ଟ୍ର ଅଧିକ ପ୍ରଭାବିତ କରୁଛନ୍ତି । ନିଜର ଆଧିପତ୍ୟ ପାଇଁ ସବୁପ୍ରକାର ବାଟକୁ ଆପଣାଇବାକୁ ପଛାଉନାହାନ୍ତି । ଅତୀତରେ ଇଜିପଟ୍, ପାଲେଷ୍ଟାଇନ ଓ ଇରାକ ଆଦି ରାଷ୍ଟ୍ରଗୁଡିକ ଏହି ଗୋଷ୍ଠୀର ନେତୃତ୍ୱରେ ଥିଲାବେଳେ ଏବେ ତୁର୍କୀ, ଇରାନ ଓ ଇସ୍ରାଏଲ ପରି ବାହାର ରାଷ୍ଟ୍ର ଏପରି ଗୋଷ୍ଠୀର ନୀତିକୁ ନିୟନ୍ତ୍ରଣ କରୁଛନ୍ତି । ଆରବଲିଗର ରାଷ୍ଟ୍ରଗୁଡିକ ଗତ ଶତାବ୍ଦୀରେ ତୈଳକୁ ନେଇ ବେଶ୍ ସମୃଦ୍ଧି ପାଇଥିଲେ ସତ, କିନ୍ତୁ ଧାର୍ମିକ ମୌଳବାଦ, ଶିକ୍ଷା ଓ ଗବେଷଣାରେ ଦୁର୍ବଳତା ଯୋଗୁ ଏସବୁ ରାଷ୍ଟ୍ରଗୁଡିକର ବିକାଶ ଅନ୍ୟ ରାଷ୍ଟ୍ରଙ୍କ ପରି ହେଲାନାହିଁ । ଅର୍ଥର ପ୍ରାବଲ୍ୟରେ ସୁନ୍ଦର ଅଟ୍ଟାଳିକା, ସଡକ ଆଦି ନିର୍ମାଣ ହେଲାବେଳେ ଅର୍ଥର ଅଭାବଥିବା ଅନେକ ରାଷ୍ଟ୍ରରେ ଦାରିଦ୍ର୍ୟର କଠୋର କଷାଘାତ ସହିବାକୁ ଅନେକ ରାଷ୍ଟ୍ର ବାଧ ହେଲେ । ଦୁର୍ବଳ କୂଟନୀତି, ଦୁର୍ବଳ ସେନାଶକ୍ତି ଯୋଗୁ ଅନେକ ରାଷ୍ଟ୍ର ଶୀତଳଯୁଦ୍ଧ ବେଳେ ଯେପରି ଦୁଇ ମହାଶକ୍ତିଙ୍କ ଗୋଷ୍ଠୀରେ ବାଣ୍ଟିହୋଇ ରହିଥିଲେ, ଏବେ ବି ମଧ୍ୟ ସେମିତି ରହିଛନ୍ତି । ଫଳରେ ଆମେରିକା, ରୁଷିଆ ପରି ଶକ୍ତିଶାଳୀ ରାଷ୍ଟ୍ର ଏହାର ଫାଇଦା ନେଇ ପ୍ରତିରକ୍ଷା ସାମଗ୍ରୀ ବିକ୍ରି କରି ଅଯଥା ଶାସନରେ ଦଖଲ ଦେଇ ରକ୍ତପାତ, ଅଶାନ୍ତି ଓ ଗୃହଯୁଦ୍ଧର କାରଣ ହୋଇଛନ୍ତି । ମହାଶକ୍ତିଙ୍କ ପାଇଁ ଆରବଲିଗ୍ ଯେପରି ଯୁଦ୍ଧଭୂମି ପାଲଟିଯାଇଛନ୍ତି ।

ଏବେ ଇରାନ ଆର୍ଥିକ କଟକଣାର ସମ୍ମୁଖୀନ ହୋଇ ଅନେକ ଅସୁବିଧାକୁ ସାମନା କରୁଛି । ତେଣେ ତୁର୍କୀ ଏଫ୍‌ଏଟିଏଫ୍‌ର କଟକଣାର ସମ୍ମୁଖୀନ ହୋଇ ଗ୍ରେ-ଲିଷ୍ଟ ମଧ୍ୟରେ ପ୍ରବେଶ କରିଛି । ତୁର୍କୀ, ଆଜରବୈଜାନ ଓ ପାକିସ୍ତାନକୁ ନେଇ ମେଣ୍ଟ କରିବା ସହ ଇରାନ ସୀମାନ୍ତରେ ଶକ୍ତି ପ୍ରଦର୍ଶନ କରିଛି । ତେଣୁ ଇରାନ ଏମାନଙ୍କ ବିରୋଧୀ ଆର୍ମେନିଆକୁ ନିଜ ସପକ୍ଷରେ ନେଇ ଉତ୍ତର - ଦକ୍ଷିଣ ସଡକ ପରିଯୋଜନାରୁ ଆଜରବୈଜାନକୁ ବାଦ ଦେବାଲାଗି ଭାରତକୁ ରାଜି କରାଇଛି । ଅପରପକ୍ଷେ ସାଉଦି ଆରବର ସୁରକ୍ଷାରେ ଅତୀତରେ ଆମେରିକା ଯେଉଁ ସହାୟତା ଆଜିଯାଏ କରିଆସିଥିଲା ତାହା ଆଗାମୀ ଦିନମାନଙ୍କରେ ସଂକୁଚିତ ହେବାକୁ ଯାଉଛି । ସାମ୍ବାଦିକ ଖାସୋଗୀଙ୍କ ହତ୍ୟାକୁ ଆଳକରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସାଉଦି ଆରବ ସହ ପୁରୁଣା ସଂପର୍କକୁ ବଦଳାଇବାକୁ ସ୍ଥିରକରି କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । କାରଣ ସାଉଦି କର୍ତ୍ତୃପକ୍ଷ ଟ୍ରମ୍ପଙ୍କ ସବୁଠୁ ଅଧିକ ନିକଟତର ରହିଥିଲେ, ଯାହାକୁ ବାଇଡେନ ପସନ୍ଦ କରିନାହାନ୍ତି । କିନ୍ତୁ ବାଇଡେନଙ୍କ ଏହି ନୀତି ଯୋଗୁ ସେ ନିଜର ଦେଶ ଭିତରେ ଅନେକ ସମାଲୋଚନାର ସମ୍ମୁଖୀନ ହେବାପରେ ଏବେ ସାଉଦି ଆରବ ସହ ସଂପର୍କ ସୁଧାରିବାକୁ ପ୍ରୟାସ କରିଛନ୍ତି । ହେଲେ ପେଗାସସ୍ ମାମଲାରେ ଇସ୍ରାଏଲ କମ୍ପାନୀ ଉପରେ କଟକଣା ଲଗାଇ ଦୁଇଦେଶ ମଧ୍ୟରେ ରହିଥିବା ଭଲ ସଂପର୍କକୁ ଦୁର୍ବଳ କରିଛନ୍ତି ।



ଇନ୍ଧନତୈଳ ଆଧାରିତ ଆରବର ଅର୍ଥନୀତି ଆଗାମୀ ଦିନରେ ଅଧିକ ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଛି । ପ୍ରଦୂଷଣମୁକ୍ତ ବିଶ୍ୱ ପାଇଁ ଆଗାମୀ ଦିନରେ ତୈଳମୁକ୍ତ ଯାନବାହନ ନିର୍ମାଣ ଲାଗି ପ୍ରୟାସ ଆରମ୍ଭ ହୋଇଯାଇଛି ଯାହା ଚୀନ ଓ ଭାରତରେ ଅଧିକ ଦ୍ରୁତତର ହେବ । ଏହି ଦୁଇଦେଶରେ ପୃଥିବୀର ତିରିଶଭାଗ ଜନସଂଖ୍ୟା ରହିଛି । ଏହି ଦୁଇରାଷ୍ଟ୍ରରେ ବିକଳ୍ପ ଇନ୍ଧନ ପାଇଁ ସରକାରମାନେ ଗୁରୁତ୍ୱ ଦେବାକୁ ଆରମ୍ଭ କରିଛନ୍ତି । ଇନ୍ଧନ କ୍ଷେତ୍ରରେ ଏହି ଦୁଇ ରାଷ୍ଟ୍ରଙ୍କ ଆରବର ତୈଳ ବଜାରରେ ଅଂଶ ଅଧିକ ରହିଆସିଛି । ବ୍ୟାଟେରୀଯୁକ୍ତ ଯାନବାହନ ଏହି ଦୁଇ ଦେଶରେ ବଢିଲେ ଆରବ ଜଗତର ତୈଳ ବାଣିଜ୍ୟରେ ଅନେକ କ୍ଷତି ହେବ । ତେଣୁ ସାଉଦି ଏବଂ ଏମିରେଟ ସରକାର ଏବେଠୁ ତୈଳ ବିକଳ୍ପ ଅର୍ଥନୀତି ଉପରେ ଜୋର ଦେଇ କୃଷି, ପର୍ଯ୍ୟଟନ, ନିର୍ମାଣ ଆଦି ଭିନ୍ନ ଭିନ୍ନ କ୍ଷେତ୍ର ଉପରେ ଜୋର ଦେବାକୁ ଚିନ୍ତା କରିବାରୁ ଆରମ୍ଭ କଲେଣି । ଆରବ ଜଗତ ପାଇଁ ଆଗାମୀ ଦିନରେ ଆଇଏସ୍ ସନ୍ତ୍ରାସବାଦୀ ଗୋଷ୍ଠୀ ସବୁଠୁ ଅଧିକ କ୍ଷତିକାରକ ହେବେ । ଇରାକ୍, ସିରିଆ, ଆଫଗାନିସ୍ଥାନ ଆଦି ରାଷ୍ଟ୍ରରେ ଏହି ଗୋଷ୍ଠୀର ଧ୍ୱଂସାତ୍ମକ କାର୍ଯ୍ୟକୁ ସମଗ୍ର ବିଶ୍ୱ ଦେଖିସାରିଛି । ଆତ୍ମଘାତୀ ଆକ୍ରମଣରେ ଜନସାଧାରଣଙ୍କୁ ଟାର୍ଗେଟ କରି ଆତଙ୍କର ବାତାବରଣ ସୃଷ୍ଟି କରିବା ଏହି ଗୋଷ୍ଠୀର ବଡ କାର୍ଯ୍ୟ ହୋଇଛି । ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକରେ ଶାସନଗତ ଅସ୍ଥିରତା ଧାର୍ମିକ ହିଂସାକାଣ୍ଡ ମାଧ୍ୟମରେ ସୃଷ୍ଟି କରିବା ଲାଗି ପ୍ରତିଦିନ ଷଡଯନ୍ତ୍ର ଚାଲୁରହିଛି । ସିରିଆ ଆଇନ ଲାଗୁକରି ସନ୍ତ୍ରାସବାଦୀ ସରକାରକୁ ପ୍ରତିଷ୍ଠା କରିବା ଲାଗି ଆଇଏସ୍ ଏବେ ଆଫ୍ରିକାଠାରୁ ଏସିଆ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିଛି । ସେମିତି ଇସଲାମକୁ ଆଦୌ ପ୍ରବେଶ ପାଇଁ ସୁଯୋଗ ଦେଉନଥିବା ଖ୍ରୀଷ୍ଟିଆନ୍ ରାଷ୍ଟ୍ର ପୋଲାଣ୍ଡ ଭିତରକୁ ଅନୁପ୍ରବେଶକାରୀ ଜିହାଦିଙ୍କୁ ବେଲାରୁଷ ସହାୟତାରେ ପଠାଇବା ଲାଗି ପ୍ରୟାସ ଜାରିରହିଛି । ଏହି ପ୍ରୟାସ ପଛରେ ଆରବ ଜଗତର ସମର୍ଥନ ରହିଛି । ପୃଥିବୀରେ କୌଣସି ଦେଶ ଯେପରି ମୁସଲିମ ଶୂନ୍ୟ ନରହେ ସେଥିପାଇଁ ଯେଉଁ ବିଶ୍ୱବ୍ୟାପୀ ଅଭିଯାନ ଜାରି ରହିଛି ତା' ପଛରେ ଆରବ ଜଗତର ଅର୍ଥ ଏବଂ ସମର୍ଥନ ରହିଛି । ମୁସଲିମ ଶରଣାର୍ଥୀ ବେଶରେ ସନ୍ତ୍ରାସବାଦୀଙ୍କୁ ଭିନ୍ନ ଭିନ୍ନ ଦେଶରେ ଥଇଥାନ କରାଇ ସେଠାରେ ସନ୍ତ୍ରାସ ପାଇଁ ଭିତ୍ତିଭୂମି ନିର୍ମାଣ ପାଇଁ କଠୋରପନ୍ଥୀ ଇସଲାମିକ ଗୋଷ୍ଠୀ ଏବେ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି । ତେଣୁ ମୁସଲିମ ଶରଣାର୍ଥୀମାନେ ଏବେ ଅଧିକ ସଂଖ୍ୟାରେ ଅଣମୁସଲିମ ରାଷ୍ଟ୍ରଗୁଡିକୁ ଟାର୍ଗେଟ କରି ପ୍ରବେଶ କରିବାରେ ଲାଗି ପଡିଛନ୍ତି । ସିରିଆ ସମସ୍ୟା ପରେ ଯେଉଁ ଶରଣାର୍ଥୀମାନେ ଇଉରୋପରେ ପ୍ରବେଶ କରିଥିଲେ ସେହିସବୁ ଦେଶରେ ଏବେ କିପରି ସନ୍ତ୍ରାସବାଦୀ ଓ ଆତ୍ମଘାତୀ ଆକ୍ରମଣ ଜାରିରହିଛି ତାହା ସମସ୍ତେ ଦେଖୁଛନ୍ତି । ଫ୍ରାନ୍ସ, ଜର୍ମାନୀ, ନରୱେ, ବେଲଜିୟମ ଆଦି ଅନେକ ଦେଶରେ ଏହାର ପ୍ରମାଣ ସମସ୍ତଙ୍କ ସମ୍ମୁଖରେ ରହିଛି । ତେଣୁ ଆରବ ଜଗତର ଅସ୍ଥିରତାକୁ ଏବେ ବିଶ୍ୱବ୍ୟାପୀ କରାଇବାକୁ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଚାଲୁରହିଛି । ଆରବ ଜଗତର ରକ୍ତପାତଜନିତ ହିଂସା ବିଶ୍ୱବ୍ୟାପୀ ହେଉ ଏହା ଆରବ ଜଗତର ଅନ୍ୟ ଏକ ଷଡଯନ୍ତ୍ର । ତେଲରୁ ଇସଲାମର ପ୍ରସାର ଆଉ ଏବେ ସନ୍ତ୍ରାସର ବୃଦ୍ଧିରେ ସହାୟତା କରିବା ଆରବୀ ରାଷ୍ଟ୍ରଗୁଡିକର ନୀତିରେ ପରିଣତ ହୋଇଛି । ଇରାକ, ସାଉଦୀ ଆରବ, ଲେବାନନ, ସିରିଆ, ତୁର୍କୀ, କାତାର ଆଦି ରାଷ୍ଟ୍ରରୁ ଅର୍ଥ ଏହି ଉଦ୍ଦେଶ୍ୟରେ ଆସୁଛି । ଆଗାମୀ ଦିନରେ ଆମେରିକା ବନାମ ରୁଷିଆ, ଆମେରିକା ବନାମ ଚୀନ ଲଢେଇରେ ଆରବ ଜଗତର କେଉଁ ରାଷ୍ଟ୍ର କାହା ସହ ରହିବେ ତାହା ଏବେଠାରୁ କହିହେବ ନାହିଁ । କାରଣ ଏମାନେ ଡବଲଗେମରେ ବେଶ୍ ଧୂରନ୍ଧର । ଯେମିତି ସାଉଦି ଆରବ ଭାରତକୁ ଅଧିକ ପେଟ୍ରୋଲ ବିକ୍ରିକରି ଲାଭ ଉଠାଇଥିବା ବେଳେ ପାକିସ୍ଥାନର ସରକାର ଏବଂ ମୌଳବାଦୀଙ୍କୁ ଆର୍ଥିକ ସହାୟତା ଦେବାରେ ବ୍ୟସ୍ତ ରହିଛି । ସେମିତି ଚୀନକୁ ଅଧିକ ତୈଳ ବିକ୍ରି କରୁଥିବା ସାଉଦି ସରକାର ଦେଶ ବିଦେଶର ଉଇଘୁର ଏବଂ ଅଲକାୟଦା ଗୋଷ୍ଠୀକୁ ସହାୟତା ଦେଉଛି । ସାଉଦିର ପ୍ରିନ୍ସ ଅତୀତରେ ସାଉଦି ସୁଲତାନଙ୍କୁ ହତ୍ୟା କରିବା ପାଇଁ ରୁଷିଆରୁ ବିଷଯୁକ୍ତ ମୁଦ୍ରିକା ସଂଗ୍ରହ କରି ରଖିବା ନେଇ ସାଉଦି ପରିବାର ସହ କାର୍ଯ୍ୟକରିଥିବା ଜଣେ ପୁରୁଣା ବିଶ୍ୱସ୍ତ ଅଧିକାରୀ ଆମେରିକାରେ ପ୍ରକାଶ କରିବା ଘଟଣା ଏବେ ଆରବ ଜଗତରେ ଅନେକଙ୍କୁ ବିସ୍ମିତ କରିଛି । ଅଭିଯୋଗ କରିଥିବା ଅଧିକାରୀଙ୍କୁ କାନାଡାରେ ହତ୍ୟା କରିବା ପାଇଁ ସାଉଦି ସରକାର ତୁର୍କୀ ଘଟଣା ପରି ହତ୍ୟାକାରୀମାନଙ୍କୁ ପଠାଇ ଥିଲେ ମଧ୍ୟ ସେଠାରେ ବିମାନବନ୍ଦରରୁ ସେମାନଙ୍କୁ ଫେରାଇଦେବା ଯୋଗୁ ଷଡଯନ୍ତ୍ର ସଫଳ ହୋଇନଥିଲା । ଆରବ ଜଗତର ଶାସକମାନଙ୍କ ଏପ୍ରକାର ଉଦ୍ୟମ କିଛି ନୂଆ ନୁହେଁ । ବିଗତ ଦିନରେ ଓମାନର ରାଜକୁମାରୀଙ୍କ ପ୍ରତି ଏପ୍ରକାର ବ୍ୟବହାର କରାଯାଇଥିଲା । ଉତ୍ତର କୋରିଆ ରାଷ୍ଟ୍ରପତି କିମ ନିଜ ଭାଇଙ୍କୁ ମାଲେସିଆର ବିମାନ ବନ୍ଦରରେ ହତ୍ୟା କରାଇବା ପରି ଆରବୀ ଶାସକମାନେ ନିଜ ବିରୋଧୀ ପାର୍ଟିକୁ ସବୁଦିନ ବନ୍ଦ କରାଇବା ପାଇଁ ହତ୍ୟା ପରି ମାର୍ଗକୁ ବାଛି ନେଇଛନ୍ତି । କେବଳ ଅର୍ଥ ରାଷ୍ଟ୍ରକୁ ସୁରକ୍ଷା ଦେବା ସମ୍ଭବପର ନୁହେଁ । ସେଥିପାଇଁ ସରକାରଙ୍କ ସ୍ୱଚ୍ଛ ନୀତି ଆବଶ୍ୟକ, ଯାହା ଆରବ ଜଗତରେ ଏବେ ଦେଖିବାକୁ ମିଳୁନାହିଁ । ଆରବ ଜଗତର ରାଷ୍ଟ୍ରଗୁଡିକ ବିଶ୍ୱରେ ମୌଳବାଦ, ସନ୍ତ୍ରାସବାଦ ଏବଂ ଇସଲାମର ପ୍ରସାରପାଇଁ ଯେତେ ପ୍ରୟାସ କରୁଛନ୍ତି ସେତେଟା ମୁସଲିମ ରାଷ୍ଟ୍ରଗୁଡିକରେ ଥିବା ଅଶିକ୍ଷା, ଦାରିଦ୍ର୍ୟ, ଅନଗ୍ରସରତା ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ କରୁନାହାନ୍ତି । ସେଥିପାଇଁ ଏହିସବୁ ରାଷ୍ଟ୍ରଗୁଡିକର ପ୍ରଭାବ ବିଶ୍ୱର ବିକାଶରେ ସେତେଟା ଭଲ ନୁହେଁ । ଆଗାମୀ ଦିନରେ ଆରବ ଜଗତର ଅସ୍ଥିରତା ବାହାର ମହାଦେଶକୁ ସଂକ୍ରମିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏ ଦିଗରେ ସତର୍କତା ଏବେଠାରୁ ଜରୁରୀ ହେଲାଣି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଆଭିଜାତ୍ୟ ଓ ଅଭିମାନ

**ବ୍ରହ୍ମଚାରୀ ସତ୍ୟଚୈତନ୍ୟ**

ଅନ୍ୟମାନଙ୍କୁ ଦେଖେଇହେବା ପାଇଁ ଆମେ ଅନେକ କାମ କରୁ। ଦାମୀ ପୋଷାକଟିଏ ପିନ୍ଧୁ। କେହି ସେ ପୋଷାକକୁ ପ୍ରଶଂସା କଲେ ଖୁସିହେଉ। କେହି ନିନ୍ଦାକଲେ ଦୁଃଖକରୁ। ଆମେ ଚଳାଉଥିବା ଗାଡ଼ି, ତୋଳିଥିବା ଘର, କିଣିଥିବା ଜମି, ପାଇଥିବା ପୁରସ୍କାର, ପାଠ, ଚାକିରି ଓ ଆମ ଅର୍ଜିତ ଅନେକ ଚିଜ ଉପରେ ଅନ୍ୟମାନଙ୍କ ଟିପ୍ପଣୀ ଆସିଲେ ଆମ ଭିତରେ ପ୍ରତିକ୍ରିୟା ହୁଏ। ତେବେ ଏଥିରୁ ସ୍ପଷ୍ଟ ଯେ ଆମେ ଅଧିକାଂଶ କାମ ଅନ୍ୟମାନଙ୍କ ପାଇଁ କରୁ। ସେଥିପାଇଁ କୁହାଯାଏ ନିଜ ରୁଚିରେ ଭୋଜନ; ପର ରୁଚିରେ ବସନ। ତେବେ ନିଜ ଆଡ଼କୁ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆମେ ବେଳେବେଳେ ବ୍ୟଗ୍ର ହୋଇଉଠୁ। 'ସମସ୍ତେ ମତେ ଭଲ କୁହନ୍ତୁ, ମୁଁ ଧନୀଲୋକ, ମୋର ସମ୍ପର୍କର ପରିସୀମା ଏତେ ଲମ୍ବା'-ଏମିତି କିଛି ଅବାଞ୍ଛିତ ପରିଚୟ ସୃଷ୍ଟିକରିବାକୁ ଆମେ ବିକଳ ହଉ। ସେଥିପାଇଁ ନିଜ ଚଳଣିରେ ଆଭିଜାତ୍ୟର ଚିହ୍ନ ଫୁଟେଇବାକୁ ଚେଷ୍ଟାକରୁ। ବଜାରରେ ଜିନିଷ କିଣିଲାବେଳେ ସବୁଠାରୁ ଦାମିକା ଜିନିଷ କିଣୁ। ସେଇ ଦାମିକା ଜିନିଷ ବିଷୟରେ ଅନ୍ୟମାନଙ୍କୁ ଶୁଣାଉ। ସାଧାରଣ ଔଷଧରେ ଦେହ ଭଲହୁଏ, କିନ୍ତୁ ଆଭିଜାତ୍ୟର ଅହଂକାର ହେତୁ ଆମ ମନ ବୁଝେନା। ମନ ସୁସ୍ଥ ହେଇପାରେନା। ତେଣୁ କହୁ, ଯଦି ମରିବା ବଡ଼ ଡାକ୍ତର ହାତରେ ମରିବା। ଭୋଜନ ପାନୀୟରେ ମଧ୍ୟ ଆଭିଜାତ୍ୟର ନିଶା ଆମକୁ ଘାରିଥାଏ। ଘରେ ଲେମ୍ବୁ, ମିଶ୍ରି ଥିଲେ ମଧ୍ୟ ଥଣ୍ଡାପାନୀୟକୁ ଗୁରୁତ୍ୱ ଦେଉ। ସାଧାରଣ ଭୋଜନ ପେଟପୂରିବା ପାଇଁ ଆଉ ଆଭିଜାତ୍ୟର ଭୋଜନ ଜିଭ ଓ ମନ ପୂରିବା ପାଇଁ। ଏ ଖାଦ୍ୟ ସୁସ୍ଥ ବଦଳରେ ଅସୁସ୍ଥ କରାଏ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନେବା ଓ ଭୋଜନ ପରେ ବଳକା ଖାଦ୍ୟକୁ ଫିଙ୍ଗିବା ମଧ୍ୟ ଆଭିଜାତ୍ୟର ଗୋଟିଏ ନମୁନା ପାଲଟିଲାଣି। ଆଭିଜାତ୍ୟ ଯେତିକି ବିପଦଜନକ ନୁହେଁ, ବେଶୀ ବିପଦ ହେଉଛି ଆଭିଜାତ୍ୟକୁ ନେଇ ଆମ ଭିତରେ ଜନ୍ମ ନେଉଥିବା ଅହଂକାର। ଆମ ଅହଂକୁ ପରିପୁଷ୍ଟ କରିବା ଓ ପ୍ରାଚୁର୍ଯ୍ୟ ଦେଖାଇବାକୁ ଯାଇ ନିଜର ବଡ଼ ପଣକୁ ଅନ୍ୟ ଆଗରେ ଗପୁ। ଏ କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ ବି ବାଧକରି ଶୁଣାଉ। ସମାଜରେ ସମସ୍ତେ ସମ୍ପତ୍ତିବାନ ନୁହନ୍ତି। ତଥାପି କିଛି ଚତୁର ବ୍ୟକ୍ତି ଅଛନ୍ତି, ଶସ୍ତା, ସୁନ୍ଦର ମଜଭୁତକୁ ପସନ୍ଦ କରନ୍ତି। ବଳକା ଖର୍ଚ୍ଚକୁ ନିଜ ପାଇଁ ନୁହେଁ; ସମାଜ ପାଇଁ ବ୍ୟୟକରନ୍ତି। ସେମାନେ ବୁଝନ୍ତି ସମ୍ପତ୍ତିକୁ ଉପଭୋଗ କଲେ ଓ କ୍ଷମତାକୁ ଅଯଥା ପ୍ରୟୋଗ କଲେ ପ୍ରତିଷ୍ଠା ବଢ଼େନା। ମାତ୍ର ସମ୍ପତ୍ତି ଓ କ୍ଷମତାର ସଦୁପଯୋଗ କଲେ ପ୍ରତିଷ୍ଠା ବଢ଼େ। ଦୁରୁପଯୋଗ କଲେ ପ୍ରତିଷ୍ଠାରେ କଳଙ୍କ ଲାଗେ। ସମ୍ପତ୍ତିକୁ ଦେଖେଇ ହେବା ଲୋକ ଧନୀନୁହେଁ, କୃପଣ। ତା'କୁ ଅନ୍ୟର ଉପକାରରେ ଲଗାଇପାରିଲେ ଧନୀ ଓ ଦାନୀ। ଏବେ ବି ସମୟ ଅଛି। ନିରୋଳାରେ ଥରେ ଅନନ୍ତ ଆକାଶ କିମ୍ବା ଦୂର ଦିଗ୍‌ବଳୟକୁ ଚାହିଁବା। ତା'ରି ଭିତରେ ପୃଥିବୀର ଅସ୍ତିତ୍ୱକୁ ଖୋଜିବା। ପୃଥିବୀ ପରେ ଆସିବା ଭାରତବର୍ଷକୁ କ୍ରମଶଃ ନିଜେ ଠିଆହୋଇଥିବା ଭୂଇଁକୁ ମନରେ ମାପିବା। ପରେ ନିଜର ଅସ୍ତିତ୍ୱକୁ ଖୋଜିବା। ଦେଖାଯିବ ସୀମାହୀନ ଆକାଶ ତୁଳନାରେ ନିଜର ସୀମିତ ଶରୀରର ଅସ୍ତିତ୍ୱ ହିଁ ନାହିଁ। ପୁଣି ଥରେ ମହାକାଳର ସମୟର ପୃଷ୍ଠାକୁ ଲେଉଟାଇବା। କୋଟିକୋଟି ବର୍ଷ ଧରି ସୃଷ୍ଟି ହୋଇଥିବା ସୂର୍ଯ୍ୟ, ଚନ୍ଦ୍ର, ତାରାଙ୍କ ଭିତରେ ନିଜ ଜୀବନର ଅବଧିକୁ ଖୋଜିବା। ଶେଷରେ ପାଇବା ସୃଷ୍ଟି ଆଦି ଓ ଅନ୍ତ ବିଷୟ ଆମକୁ ଅଜଣା। ନିଜକୁ ପ୍ରଶ୍ନ କରିବା-ତେବେ 'ମୁଁ'? ବୁଝିପାରିବା 'ମୁଁ' ଆଉ କିଛି ନୁହେଁ; ଅଭିମାନ ବୋଲା ଛୋଟିଆ ଶବ୍ଦଟିଏ ମାତ୍ର। ଆଉ ମୋର ଅସ୍ତିତ୍ୱ? ଅସ୍ତିତ୍ୱ ହିଁ ନାହିଁ। ତାହା ହେଲେ ମୋ' ସମ୍ପତ୍ତି, ପ୍ରତିଷ୍ଠା, ପ୍ରତିପତ୍ତି, ବଡ଼ପଣ? ଉତ୍ତର ଆସିବ-'ତୁମେ ମହାସାଗର ଭିତରେ ବିନ୍ଦୁଏ ଜଳ। ମରୁଭୂମିର ଗୋଟିଏ ବାଲି। ଧୂଳିକଣାର ଗୋଟିଏ କ୍ଷୁଦ୍ରକଣିକା। ମହାକାଳର ଅନନ୍ତ ଗର୍ଭରେ ପାହାନ୍ତି ତାରା ପରି ଲୀନ ହୋଇଯାଉଛ।' ସତରେ ଆମେ ଟସରପୋକ ଭଳି ନିଜ ଚାରିପାଖରେ ଅଭିମାନର ଖୋସାଟିଏ ତିଆରି କରିଛେ। ନିଜକୁ ଅହଂକାରୀ ସଜେଇଛେ। ଇତିହାସର ବ୍ୟକ୍ତିମାନଙ୍କ ସହ ନିଜକୁ ତଉଲିନାହୁଁ। ଥରୁଟିଏ ବି ନିଜ ଆଡ଼କୁ ଚାହିଁଲେ ଦେଖିବା ନିଜର କୌଣସି ଅସ୍ତିତ୍ୱ ହିଁ ନାହିଁ। ଆମେ କ୍ରମଶଃ ଧୂଳିକଣାଠାରୁ ଆହୁରି ସାନ ହୋଇଯାଉଛେ। ଆମ ଅଭିମାନର ରଙ୍ଗ କ୍ରମଶଃ ଫିକା ପଡ଼ିଯାଉଛି। ସେହି ଫିକାପଣ ହିଁ ଅଭିମାନଶୂନ୍ୟ ଅବସ୍ଥା। ଆଉ ତାହା ହିଁ ପ୍ରକୃତ ଜୀବନ।

*-ଅସୀମାଲୋକ, ବିଡ଼ାନାସୀ, କଟକ-୧୪*



# ପଂଚକର ତାତ୍ତ୍ୱିକ ବିଶ୍ଳେଷଣ

ହିନ୍ଦୁ ଧର୍ମରେ କେଉଁ ଅନାଦି କାଳରୁ ଧର୍ମପୂଜା, ବ୍ରତ ଓ ପରମ୍ପରା ଗଢି ଆସୁଛି। ଋତୁ ଚକ୍ର ଅନୁସାରେ ବାର ମାସରେ ତେର ମହୋତ୍ସବ ଲାଗିରହିଛି। ଏହି ପୂଜା ପରମ୍ପରା ହିନ୍ଦୁ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ସହ ହିନ୍ଦୁ ସମାଜକୁ ପ୍ରତ୍ୟେକ ହୀନ କାର୍ଯ୍ୟରୁ ନିବୃତ୍ତି ରହିବା ପାଇଁ ଧର୍ମ ମାସ ମାନଙ୍କର ସୃଷ୍ଟି କରିଛି। ସତ୍ୟସାଇ ବାବାଙ୍କ ଉପଦେଶାନୁସାରେ "ପ୍ରତ୍ୟେକ ହୀନ କର୍ମରୁ ଯେ ଦୂରେଇ ରହେ ସେ ହିନ୍ଦୁ"। ତେଣୁ ଓଡିଶାର ପୂରପଲ୍ଲୀରେ ଅଦ୍ୟାବଧି ପ୍ରତ୍ୟେକ ମାସରେ କିଛି ନା କିଛି ପୂଜା, ବ୍ରତ, ଉପବାସ ଇତ୍ୟାଦି ମୁନିଋଷିମାନେ ଖଞ୍ଜାଇ ଯାଇଛନ୍ତି। ସ୍ୱୟଂ ଲୀଳା ପୁରୁଷୋତ୍ତମ କୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଲା ବେଳେ କହିଛନ୍ତି ହେ ଅର୍ଜୁନ "ମାସାନାଂ ମାର୍ଗଶୀର୍ଷୋଽହମୃତୁନାଂ କୁସୁମାକରଃ" - ମୁଁ ମାସମାନଙ୍କ ମାର୍ଗଶୀର ଏବଂ ଋତୁମାନଙ୍କ ମଧ୍ୟରେ ବସନ୍ତ ଅଟେ। ତେଣୁ ପ୍ରତ୍ୟେକ ମାସରେ କିଛିନା କିଛି ଧାର୍ମିକ ଭାବନାର ସୃଷ୍ଟି ଓ ତାହାର ତାତ୍ପର୍ଯ୍ୟ ରହିଛି।



ବର୍ତ୍ତମାନ ଯେଉଁ କାର୍ତ୍ତିକ ମାସ ଚାଲିଛି ତା ପଛରେ ମଧ୍ୟ ଅନେକ ତାତ୍ତ୍ୱିକ ମହତ୍ୱ ରହିଛି। ଏହି ମାସରେ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ଓ କାର୍ତ୍ତିକଶ୍ୱର ପୂଜା ପାଳନ କରାଯାଇଥାଏ। ସ୍କନ୍ଦ ପୂରାଣାନୁସାରେ "ନ କାର୍ତ୍ତିକସମୋ ମାସୋ, ନ କୃତ୍ତେନ ସମଂଯୁଗମ୍" ଅର୍ଥାତ୍ କାର୍ତ୍ତିକ ମାସ ପରି ମାସ ନାହିଁ କି ସତ୍ୟ ସମ ଯୁଗ ନାହିଁ । ତେଣୁ କାର୍ତ୍ତିକ ମାସ ଏକ ଧାର୍ମିକ ମାସ ଭାବେ ଅଭିହୀତ। ଏହି ମାସରେ ପ୍ରତ୍ୟେକ ନରନାରୀ କାର୍ତ୍ତିକ ବ୍ରତ ପାଳନ କରିବା ସହ ଶାକାହାର ଭୋଜନ କରିଥାନ୍ତି। ବିଭିନ୍ନ ସାଧୁ ସନ୍ଥମାନଙ୍କର ମତାନୁସାରେ ଯଦିଓ ଯେଉଁ ବ୍ୟକ୍ତି ମାସକ ଯାକ କାର୍ତ୍ତିକ ବ୍ରତ ପାଳନ କରି ନପାରି ମାସର ଶେଷ ପାଞ୍ଚ ଦିନ ପାଳନ କରିଥାଏ ତାକୁ ପରମ ଗତି ପ୍ରାପ୍ତ ହୋଇଥାଏ। ଏହି ପାଞ୍ଚ ଦିନର ମହତ୍ତ୍ୱ କ'ଣ ? ଏହି ପଞ୍ଚ "କ"ର ପରିତ୍ୟାଗ। ସେଗୁଡିକ ହେଲା କାମ, କ୍ରୋଧ, କଳହ, କପଟ ଓ କଳଙ୍କ ଏଥି ସହିତ କୁମତି, କୁନୀତି, କୁସଙ୍ଗ, କୁପଥ ଏବଂ କୁଭାଷାକୁ ପରିତ୍ୟାଗ କରିପାରିଲେ ମାନବ ସମାଜରେ ଏହି ମାସର ମାହତ୍ମ୍ୟ ପ୍ରତିଫଳିତ ହେବ। ଆମର ନିଜର କର୍ମ ଉପରେ ଈଶ୍ୱର ଫଳାଫଳ ନ୍ୟସ୍ତ କରିଥାନ୍ତି। ତେଣୁ ଅର୍ଜୁନଙ୍କୁ ଗୀତାରେ ଉପଦେଶ ଦେଲାବେଳେ ଭଗବାନ ଶ୍ରୀକୃଷ୍ଣ କହିଲେ: "ଯସ୍ୟ ସର୍ବେ ସମାରମ୍ଭାଃ କାମ ସଙ୍କଳ୍ପ ବର୍ଜିତାଃ, ଜ୍ଞାନାଗ୍ନି ଦଗ୍‌ଧ କର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ।

ଯାହାଙ୍କର ସମସ୍ତ କର୍ମ ଶାସ୍ତ୍ର ସମ୍ମତ, କାମନା ଶୂନ୍ୟ ଓ ସଙ୍କଳ୍ପ ଶୂନ୍ୟ ହୋଇଥାଏ ଏବଂ ଯାହାଙ୍କର ସମସ୍ତ କର୍ମ ଜ୍ଞାନ ରୂପକ ଅଗ୍ନି ଦ୍ୱାରା ଭସ୍ମ ହୋଇଯାଇଥାଏ, ସେହିମାନଙ୍କୁ ମହାପୁରୁଷ ବା ଜ୍ଞାନୀ ବୋଲି ଅଭିହିତ କରାଯାଏ। ତେଣୁ ଏହି ପାଞ୍ଚୋଟି "କ"କୁ ଦିବ୍ୟଜ୍ଞାନୀ ମଣିଷ ନିଜର ବିବେକ ବୁଦ୍ଧି ବଳରେ ବଶୀଭୂତ କରିବା ଦରକାର। ପ୍ରଥମ "କ"ରୁ କାମନା। ଏହି କାମନାର ବିନାଶରେ ମୋହର ବିନାଶ ହୋଇଥାଏ। ଯେଉଁ କାମନା ମଣିଷ ହୃଦୟରେ ସୁପ୍ତ ଭାବରେ ରହି ମଣିଷକୁ ଅନୈତିକ କାର୍ଯ୍ୟ କରିବା ପାଇଁ ପ୍ରେରଣା ପ୍ରଦାନ କରୁଥାଏ ତାକୁ ଦମନ କରିବା ପାଇଁ ମନକୁ ସଦାସର୍ବଦା ଈଶ୍ୱରଙ୍କ ଚରଣାର ବିନ୍ଦରେ ଲଗାଇବା ସହ ନିଜର ସମସ୍ତ କର୍ମକୁ ତାଙ୍କ ପାଦରେ ସମର୍ପଣ କରିଦେଲେ କାମନାର ବିନାଶ ହୋଇଥାଏ। ଦ୍ୱିତୀୟ "କ"ରୁ କ୍ରୋଧ। ବେଦରେ କୁହାଯାଇଛି "ନାସ୍ତିକ୍ରୋଧ ସମ ଦୁଃଖ" କ୍ରୋଧଠାରୁ ବଳି ଦୁଃଖ ସଂସାରରେ କିଛି ନାହିଁ। ତେଣୁ ବେଦ କଥାନୁସାରେ ଜ୍ଞାନ ଚକ୍ଷୁକୁ ଉନ୍ମିଳିତ କରି କ୍ରୋଧରୂପୀ ଅଶ୍ୱକୁ ଲଗାମ ଦେଇ ରଖି ପାରିଲେ ମନୁଷ୍ୟ ସମାଜରେ କ୍ରୋଧ ଦ୍ୱାରା ଜନ୍ମ ନେଉଥିବା ଅନେକ ଅଘଟଣରୁ ନିଜେ ବଞ୍ଚିବା ସହ ସମାଜକୁ ବଞ୍ଚାଇ ପାରିବ। ଆଉ ତିନୋଟି "କ" ଯଥା-କଳହ, କପଟ, କଳଙ୍କ ଏମାନେ ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ଏମାନଙ୍କର ସୃଷ୍ଟି କାମ କ୍ରୋଧରୁ ହୋଇଥାଏ । ଯେଉଁ ବ୍ୟକ୍ତି ଏହି କାମ କ୍ରୋଧକୁ ଅଚିରେ କରାଗ୍ରତ କରିପାରେ ତା ଆଗରେ କପଟ, କଳହ, କଳଙ୍କ ଆପେ ଆପେ ହାର୍ ମାନି ଯାଇଥାନ୍ତି। ସେହିପରି ମନୁଷ୍ୟ ଯଦି କୁମତି, କୁନୀତି, କୁସଙ୍ଗ, କୁପଥ ଓ କୁଭାଷାରୁ ନିଜକୁ ଦୂରେଇ ରଖେ ତେବେ ସେ ଏକ ସୁସ୍ଥ ସମାଜର ପ୍ରତିଷ୍ଠା କରିବା ସହ ଧାର୍ମିକ ଭାବଧାରା ସମାଜରେ ପ୍ରତିଷ୍ଠା ହୋଇଥାଏ। ତେଣୁ ପୂର୍ବକାଳରେ ମୁନିଋଷିମାନେ ଗଭୀର ଚିନ୍ତା କରି ଏହି ଉପବାସ, ବ୍ରତ, ପୂଜା ପରମ୍ପରାର ସୃଷ୍ଟି କରିଛନ୍ତି। ଉପବାସ ଅର୍ଥ ପ୍ରତ୍ୟେକ ଇନ୍ଦ୍ରିୟର ଉପବାସ, ଆଖିର ଉପବାସ ହେଲା ଖରାପ ଦୃଶ୍ୟ ପ୍ରତି ଧ୍ୟାନ ନଦେବା। କର୍ଣ୍ଣର ଉପବାସ ହେଲା କୁଭାଷା ଅପଶବ୍ଦ ନ ଶୁଣିବା। ନାକର ଉପବାସ ହେଲା ନିଜର ଅଘ୍ରାଣ ଉପରେ ସଞ୍ଜତ ରହିବା। ହସ୍ତର ଉପବାସ ହେଲା କୁକର୍ମରୁ ନିଜର ହସ୍ତକୁ ଦମନ କରିବା। ଏହିପରି ଶରୀରର ପ୍ରତ୍ୟେକ ଇନ୍ଦ୍ରିୟକୁ ମନରାଜା ଦ୍ୱାରା ବଶୀଭୂତ କରିପାରିଲେ ବ୍ରତ ଉପବାସର ମହତ୍ୱ ଉପଲବ୍ଧି ହୋଇଥାଏ। ମଣିଷକୁ ଅନେକ ସର୍ବଗ୍ରାସୀର ଆଖ୍ୟା ଦେଇଥାନ୍ତି। କାରଣ ବାଘ କେବଳ ମାଂସ ଆହାର କରୁଥିଲା ବେଳେ ହାତୀ, ମାଙ୍କଡ, ଏମାନେ ଡାଳପତ୍ର ଭୋଜନ କରିଥାନ୍ତି। ମାତ୍ର ଏ ମନୁଷ୍ୟ ମାଂସ, ମାଛ, ଡାଳ, ପତ୍ର ସବୁ କିଛି ଭକ୍ଷଣ କରି ଦେଉଛି। ଦରକାର ପଡିଲେ ସେ ମଣିଷ ହୋଇ ମଣିଷର ମାଂସ ଭକ୍ଷଣ କରିବାକୁ ପଛ ଘୁଞ୍ଚା ଦେଉନାହିଁ। ପୁରାଣ କଥାନୁସାରେ ବିଶ୍ୱାମିତ୍ର ମଧ୍ୟ ଦୁର୍ଭିକ୍ଷ ସମୟରେ କୁକୁର ମାଂସ ଭକ୍ଷଣ କରି ନିଜ ଶରୀରକୁ ରକ୍ଷା କରିବା ସହ ସେ କୁକୁର ମାଂସ ଭକ୍ଷଣ କରି ଯେଉଁ ପାପ କରିଥିଲେ ନିଜ ତପସ୍ୟା ବଳରେ ତାକୁ ବିମୋଚନ କରିଥିଲେ। ତେଣୁ ଏ ସର୍ବଗ୍ରାସୀ ମନୁଷ୍ୟକୁ ସଂଯତ ରଖିବା ସହ ତା ମନରେ ଧର୍ମ୍ୟଭାବନା ସୃଷ୍ଟି କରି ତାକୁ ଜୀବ ହତ୍ୟା ଏକ ମହାପାପ ଏହି ଜ୍ଞାନ ତା ହୃଦୟରେ ଉଦୟ କରିବା ପାଇଁ ଏହି ପୂଜା ପରମ୍ପରା ବା ପଞ୍ଚକର ସୃଷ୍ଟି। ଭାଗବତରେ ଭଗବାନ କହିଲେ "ମଣିଷ ହୃଦେ ଦିବ୍ୟ ଜ୍ଞାନ, ହସି କହନ୍ତି ଭଗବାନ" ମାତ୍ର ଆଜି ଭଗବାନଙ୍କର ଏହି ମାର୍ମିକ ବାଣୀକୁ ମିଥ୍ୟା ପ୍ରମାଣିତ କରିଛି ମଣିଷ। ତାର ହୃଦୟରେ ଈଶ୍ୱର ଦେଇ ଥିବା ଦିବ୍ୟ ଜ୍ଞାନକୁ ସେ ହରାଇ ନାନାଦି ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛି। ତେଣୁ ମନରୁ ଏହି ପାଞ୍ଚଟି "କ" ବିକାରକୁ ତ୍ୟାଗ କରି ଏକ ସୁସ୍ଥ ସମାଜ ଗଢ଼ି ପାରିଲେ ଏହି ପଞ୍ଚକର ମହତ୍ତ୍ୱ ପ୍ରତିପାଦିତ ହେବ। ଭଗବାନ ଏହି ବିପଥଗାମୀ ମଣିଷକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଏହି ମାତ୍ର ତାଙ୍କ ପାଦରେ ନୈବେଦ୍ୟ।

**ଉମାଶଙ୍କର ପ୍ରସାଦ**, ସ୍ତମ୍ଭକାର ତଥା ସଂପାଦକ, "ମାର୍ଗଦର୍ଶୀ", ଭଗତ ଲେନ୍, ମେନ୍ ରୋଡ୍ , ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦




# ଶିକ୍ଷୟିତ୍ରୀ ମମିତାଙ୍କ ମୃତ୍ୟୁ ପସଙ୍ଗ: ନା ରାଜ୍ୟବାସୀ ଶୋଇପାରୁଛନ୍ତି, ନା ମୁଖ୍ୟମନ୍ତ୍ରୀଙ୍କୁ ଶୁଆଇ ଦିଆଯିବ : କଂଗ୍ରେସ



ଭୁବନେଶ୍ୱର, (ପି.ଏନ): ଗତକାଲି ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସଫେଇକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଶ୍ରୀଯୁକ୍ତ ପଦ୍ମାକର ଗୁରୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଚେହେନ୍‌ରା, ଚିତ୍ର, ଚରିତ୍ର ଓ ଚାଲର ପର୍ଦ୍ଦାଫାସ କରିଛନ୍ତି। ୰ ମମିତା ମେହେର ପରିବାରବର୍ଗ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ତ ହୋଇ ନିରପେକ୍ଷ ତଦନ୍ତ ଓ ତ୍ୱରିତ ନ୍ୟାୟ ନିମନ୍ତେ ପ୍ରାର୍ଥନା କରିବା ପରେ ପରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସଫେଇ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଆଜିର କଂଗ୍ରେସର ସାମ୍ବାଦିକ ସମ୍ମିଳନୀରେ ଶ୍ରୀଯୁକ୍ତ ଗୁରୁ ଦର୍ଶାଇଛନ୍ତି। ଅପରାଧି ଅପରାଧ କରିନାହିଁ କହିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ଶ୍ରୀଯୁକ୍ତ ଗରୁ କହିଛନ୍ତି। ଦୀର୍ଘ ୩୯ ଦିନ ବ୍ୟବଧାନରେ ସାକ୍ଷୀ ପ୍ରମାଣକୁ ନଷ୍ଟ କରାଯିବା, ଗୃହବିଭାଗର ଅଧସ୍ତନ କର୍ମଚାରୀଙ୍କ ପାରିବା ପଣିଆପ୍ରତି ରାଜ୍ୟବାସୀ କଠୋର ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ନ୍ତଠାକୁର ଘରେ କିଏ – ନାଁ ମୁଁ କଦଳୀ ଖାଇ ନାହିଁନ୍ତ ପରି ମନ୍ତ୍ରୀଙ୍କର ଅସଲ ମୁଖାର ପର୍ଦ୍ଦାଫାସ ଆଜି ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଯେଉଁ ସମୟରେ ମନ୍ତ୍ରୀ ମହାଶୟ ରାଜ୍ୟବାସୀଙ୍କ ଆଗରେ ମୁହଁ ଖୋଲିବା କଥା, ସେ ସମୟରେ ଏହା ନକରି ଯେଉଁ ଅପରିଣାମଦର୍ଶିତା ଓ ମୁର୍ଖାମୀର ପରିଚୟ ଦେଲେ, ତାଙ୍କର ପାପକୁ ନା ସେ ଧୋଇପାରିବେ ନା ରାଜ୍ୟବାସୀ ଓ ପ୍ରଭୁ ତାଙ୍କୁ କ୍ଷମାଦେବେ। ଅତୀତରେ ନୀତି, ନୈତିକତାର ପାଠ ପଢ଼ାଉଥିବା ମୁଖ୍ୟମନ୍ତ୍ରୀ ମହାଶୟ ନିରନ୍ତର କ୍ୟାପଟେନ୍ ମିଶ୍ରଙ୍କୁ ଘଂଟଘୋଡ଼ାଇବା, ମୌନରହି ପ୍ରତ୍ୟକ୍ଷ ସମର୍ଥନ କରିବା ଆଜି ସରକାର ଓ ନିଜ ଦଳର ଭାବମୂର୍ତ୍ତୀକୁ କୁଠାରଘାତ ହେଲେବି ତାଙ୍କର ଅହଂକାର ଓ ଗର୍ବ ନାରୀ ସମାଜର ଆଖିର ଲୁହରେ ଭାସି ଯିବ ବୋଲି ଶ୍ରୀଯୁକ୍ତ ଗୁରୁ କହିଛନ୍ତି। କାଳବିଳମ୍ବ ନକରି ମୁଖ୍ୟମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ। ଯଦି ମନ୍ତ୍ରୀ ମହାଶୟଙ୍କର ସତ୍‌ସାହସ ଅଛି ତେବେ ଆମେ ଆହ୍ୱାନ କରୁଛୁ ଆଜି କିମ୍ବା କାଲି ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ନିଜକୁ ପକ୍ଷଭୁକ୍ତ କରିବାର ଲିଖିତ ଆବେଦନ ମାନ୍ୟବର ଉଚ୍ଚନ୍ୟାୟଳୟଙ୍କ ନିକଟରେ କଲେ ଓଡ଼ିଶାବାସୀ ହୁଏତ କିଛି ମାତ୍ରାରେ ତାଙ୍କୁ କ୍ଷମା ଦେଇପାରନ୍ତି। ଉତର ପ୍ରଦେଶର ଲକ୍ଷୀମପୁର ଖେରୀ ଘଟଣାରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ସ୍ୱତଃପ୍ରବୃତ ଦଖଲ ପରି ନାରୀଜାତିର ସମ୍ମାନ, ସ୍ୱାଭିମାନ, ସୁରକ୍ଷା ଓ ଭବିଷ୍ୟତ ପ୍ରତି ୰ ମମିତା ମୃତ୍ୟୁ ଏକ ସମ୍ବେଦୀନଶୀଳ ପ୍ରସଙ୍ଗ ହୋଇଥିବାରୁ ମାନ୍ୟବର ଉଚ୍ଚନ୍ୟାୟଳୟ ପିଡ଼ୀତା ପରିବାରବର୍ଗଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ପ୍ରାର୍ଥନା କରୁଛୁ। ଉଚ୍ଚ ନ୍ୟାୟଳୟ ପ୍ରତି କଂଗ୍ରେସ ଦଳର ସଂପୂର୍ଣ୍ଣ ଭରଷା ଓ ସମ୍ମାନ ରହିଛି ବୋଲି ଶ୍ରୀଯୁକ୍ତ ଗୁରୁ ଦର୍ଶାଇଛନ୍ତି।ଏଭଳି ଏକ ସ୍ପର୍ଶକାତର ଓ ସମ୍ବେଦିନଶୀଳ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମହାଶୟଙ୍କ ଅହେତୁକ ଓ କ୍ରମାଗତ ନୀରବତା ମୁଖ୍ୟମନ୍ତ୍ରୀଙ୍କ ମାଆକୁ ସମ୍ମାନ ନାରା ପ୍ରତି ଘୋର ଅପମାନ ବୋଲି ଶ୍ରୀଯୁକ୍ତ ଗୁରୁ ଦର୍ଶାଇଛନ୍ତି। ନା ଆଜି ରାଜ୍ୟବାସୀ ଶୋଇପାରୁଛନ୍ତି ନା ମୁଖ୍ୟମନ୍ତ୍ରୀ ଓ ଗୃହ ରାଜ୍ୟମନ୍ତ୍ରୀଙ୍କୁ ଶୁଆଇ ଦିଆଯିବ ? ଉଭୟଙ୍କ ନିଦ ହଜାଇ ଦିଆଯିବ ବୋଲି ଶ୍ରୀଯୁକ୍ତ ଗୁରୁ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ପ୍ରଶାନ୍ତ ଶତପଥି, ଶୁଭଶ୍ରୀ ପଣ୍ଡା ଓ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ଓଡ଼ିଶା ପ୍ରେସ୍ ଏକାଡ଼େମୀ ପକ୍ଷରୁ ପ୍ରେସ୍ ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ଜାତୀୟ ପ୍ରେସ୍ ଦିବସ ଅବସରରେ ଓଡ଼ିଶା ପ୍ରେସ୍ ଏକାଡ଼େମୀ ପକ୍ଷରୁ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଲେ ଯେ, କୋଭିଡ଼ ମହାମାରୀ ଫଳରେ ମୁଦ୍ରିତ ପ୍ରିଂଟମିଡ଼ିଆ ଅର୍ଥାତ୍ ମୁଦ୍ରିତ ସମ୍ବାଦପତ୍ର ଘୋର ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ରାଜ୍ୟ ସରକାର ସହାନୁଭୂତି ସହ ବିଚାର କରି ବିଜ୍ଞାପନ ସମାନୁପାତିରେ ଆବଂଟନ କଲେ ବହୁ ସମ୍ବାଦପତ୍ର ବଂଚିପାରନ୍ତେ। କଂଗ୍ରେସର ବାର୍ତା ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ଯେ, ସାମ୍ବାଦିକମାନଙ୍କର ଆର୍ଥିକ ଅବସ୍ଥା ସଙ୍କଟାପନ୍ନ ଅବସ୍ଥାରେ ଗତି କରୁଛି। ରାଜ୍ୟ ସରକାର ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଆର୍ଥିକ ବ୍ୟବସ୍ଥା କରାଇଲେ ଗଣମାଧ୍ୟମ ସୁସ୍ଥ ହୋଇପାରିବ। ଏହି ଉତ୍ସବରେ ଓଡ଼ିଶା ପତ୍ରକାର ସଂଘର ସଭାପତି ଅବିନାଶ ମିଶ୍ର, ସାମ୍ବାଦିକ ରମେଶ ଚନ୍ଦ୍ର ସ୍ୱାଇଁ, ବଳାରାମ ପ୍ରସାଦ ନନ୍ଦ, ରମେଶ ସାମନ୍ତରାୟ, ବିବେକାନନ୍ଦ ଜେନା, ବୈଷ୍ଣବ ଜେନା, ବିଜୟ କୁମାର ପଣ୍ଡା, ବିଜୟ ପରିଡ଼ା, ହଳଦଧର ଧୀର, ଆଲଫା ରାୟ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ବହୁବିଧ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ଓଡ଼ିଶା ପ୍ରେସ୍ ଏକାଡ଼େମୀର ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ମତଦେବା ଅବସରରେ ସାମ୍ବାଦିକ ମାନଙ୍କର ପଞ୍ଜିକରଣ ଓ ପେନସନ ବ୍ୟବସ୍ଥା ସମ୍ପର୍କରେ ନୀତିଗତ ଭାବେ ନଷ୍ପତି ନେବା ପାଇଁ ରାଜ୍ୟ ସରକାରଙ୍କଠାରେ ପ୍ରସ୍ତାବ ଦେଇଛନ୍ତି।

## ଲଳିତ କୁମାର ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ




ଫୁଲନଖରା,(ପି.ଏନ): ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ କଟକ ଜିଲା ସଭାପତି ଲଳିତକୁମାର ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଜାତୀୟ ପ୍ରେସ ଦିବସ ପାଳନ ଉପଲକ୍ଷେ ଭୁବନେଶ୍ୱରଠାରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ସମାରୋହରେ ଶ୍ରୀ ଦାଶଙ୍କୁ ପ୍ରଶଂସା ପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସେଠାରେ ମନ୍ତ୍ରୀ ସମୀରରଂଜନ ଦାଶ, ବିଧାୟକ ପ୍ରତାପକୁମାର ଦେବ, ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସମ୍ପାଦକ ଡଃ.ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ, ପୁଣ୍ୟ ଉତ୍କଳ ରାଜ୍ୟ ସଭାପତି ମନୋରଂଜନ ପାଣିଗ୍ରାହୀ, ଭାରତୀୟ କର୍ମଜୀବୀ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଶ୍ରୀ ଦାଶ ଦୀର୍ଘ ୨୦ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି।

## ଓଡ଼ିଶା ପତ୍ରକାର ସଂଘର ପ୍ରେସ୍ ଦିବସ ପାଳନ

ଭୁବନେଶ୍ୱର,(ପି.ଏନ):ସାମ୍ପ୍ରତିକ ସ୍ଥିତିରେ ସମାଜକୁ ବଦଳାଇବାରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବହୁ ବିଶିଷ୍ଟ ସାମ୍ବାଦିକ ମତପ୍ରକାଶ କରିଛନ୍ତି। ମଙ୍ଗଳବାର ଓଡ଼ିଶା ପତ୍ରକାର ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆକାଶବାଣୀର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା କହିଛନ୍ତି ଯେ, ସାମ୍ବାଦିକମାନେ ସମାଜର ଚିକିତ୍ସକ ସଦୃଶ। ଜଣେ ଚିକିତ୍ସକ ରୋଗୀର ଚିକିତ୍ସା କରୁଥିଲେ ମଧ୍ୟ ରୋଗୀ ସୁସ୍ଥ ହେବାକୁ ନଚାହିଁଲେ ସୁଫଳ ମିଳେନାହିଁ। ଠିକ୍ ସେହିପରି ସାମ୍ବାଦିକ ସମାଜର ଦୋଷତ୍ରୁଟିକୁ ଦେଖୁଥିଲେ ମଧ୍ୟ, ଏହାକୁ ପ୍ରକାଶ ନକରିବା ଏବଂ ପ୍ରଶାସନିକ ପଦକ୍ଷେପ ନେବାର କ୍ଷମତା ନଥିବାରୁ ସାମ୍ବାଦିକ ହାତରେ ସମାଜ ବଦଳିବ ନାହିଁ। ସାମ୍ବାଦିକ, ପ୍ରଶଂସକ ଏବଂ ପ୍ରଶାସନ ଏକ ଚେନ୍‌ର ଗୋଟିଏ ଗୋଟିଏ କଡ଼ି। ସବୁଗୁଡ଼ିକର ସମନ୍ୱୟର ଆବଶ୍ୟକତା ଥିବାରୁ ଜଣେ ବୃତି ଅପେକ୍ଷା ପ୍ରବୃତି ଭାବରେ ସମାଜର ଦୋଷତ୍ରୁଟି ଦେଖାଇବା ଉଚିତ୍ ବୋଲି ଶ୍ରୀ ଧଡ଼ା କହିଥିଲେ।ଓଡ଼ିଶା ପତ୍ରକାର ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁ ଆଲୋଚନା ପ୍ରସଙ୍ଗରେ ଜାତୀୟ ପ୍ରେସ୍ ଦିବସ ପାଳନର ଉଦ୍ଦେଶ୍ୟ ବର୍ଣ୍ଣନା କରି କରେନା ସଂକ୍ରମଣ ଜନିତ ଦେଶର ପରିସ୍ଥିତି ସମୟରେ ସାମ୍ବାଦିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ଗୋପୀନାଥ ପରିଡ଼ା କହିଥିଲେ ଯେ, ସାମ୍ବାଦିକମାନେ ସମସ୍ତଙ୍କର ଦୁଃଖଦୁର୍ଦ୍ଦଶାକୁ ଦେଖୁଥିବା ସମୟରେ ସାମ୍ବଦିକର ଦୁଃଖଦୁର୍ଦ୍ଦଶା ଦେଖିବାକୁ କେହି ନାହିଁ। ସାମ୍ବାଦିକତା କ୍ଷେତ୍ରରେ ନିଜର ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ନଦେଲେ ସାମ୍ବାଦିକତା ନିମ୍ନମାନର ହେବା ସହ ସମାଜର କୌଣସି ଉପକାରରେ ଲାଗେ ନାହିଁ ବୋଲି 'ପ୍ରିୟ ଖବର'ର ସମ୍ପାଦକ ତଥା ସାମ୍ବାଦିକ ରାଜକିଶୋର ଦାସ କହିଥିଲେ। ସରକାରୀ ବ୍ୟବସ୍ଥାରେ ସାମ୍ବାଦିକ ମାନଙ୍କ ପ୍ରତି ପାତର ଅନ୍ତର କରାନଗଲେ ସମାଜର ବୃହତର ଉନ୍ନତି ହୋଇପାରିବ ବୋଲି ସଂଘର ଅନ୍ୟତମ ସମ୍ପାଦକ କିଶୋର ରଥ କହିଥିଲେ। ସାମ୍ବାଦିକତା ଏବଂ ସାମାଜିକ ମାନଙ୍କର ସମସ୍ୟା ସମ୍ପର୍କରେ ମୂରଲୀଧର ମିଶ୍ର, ଉମେଶ ରାୟ, ସସ୍ମିତା ମଲିକ ପ୍ରମୁଖ ସାମ୍ପ୍ରତିକ ସ୍ଥିତିରେ ସମ୍ବାଦପତ୍ରର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଭାପତି ଅବିନାଶ ମିଶ୍ର ପ୍ରାରମ୍ଭିକ ସୂଚନା ଦେବା ସହ ଆଲୋଚ୍ୟ ପ୍ରସଙ୍ଗର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ ଓ ଆଲୋଚନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଣନାଥ ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ

ଭୁବନେଶ୍ୱର, (ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ପ୍ରାଣନାଥ ମାର୍ଗସ୍ଥିତ ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ୧୧୬ତମ ଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିସଭା ଆୟୋଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ପ୍ରାଣନାଥ ଥିଲେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ବିଧାୟକ, ବହୁ ଶିକ୍ଷାନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା, ସାହିତ୍ୟିକ, ବିପ୍ଳବୀ ସହିତ ସାମ୍ୟବାଦୀ ଚିନ୍ତାଧାରା, ରାଜ୍ୟ ଚାଷୀ ଆନ୍ଦୋଳନର ପ୍ରତିଷ୍ଠାତା, ବହୁମୁଖୀ ପ୍ରତିଭାଦୀପ୍ତ ସାମ୍ବାଦିକ ସହିତ ଏକ ଦରଦୀ ସମାଜସେବୀ ଭାବରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ସାଧାରଣ ଲୋକଙ୍କ ପାଇଁ ସେବା ଓ ତ୍ୟାଗ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ଏହି ଅବସରରେ ବରିଷ୍ଠ ପୂଜ୍ୟପୂଜାପ୍ରାଣ ତଥା ସଂସ୍କୃତି ବିଭାଗର ଯନ୍ତ୍ରୀ ସରୋଜ କୁମାର ନନ୍ଦଙ୍କୁ ସ୍ୱର୍ଗତ ପ୍ରାଣନାଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ନିତି ଆୟୋଗ ଦ୍ୱାରା ପରିଚାଳିତ ଜାତୀୟ ସ୍ତରୀୟ ୱେବିନାର୍

ଭୁବନେଶ୍ୱର, (ପି.ଏନ): ନିତି ଆୟୋଗର ସି.ଇ.ଓ. ଅମିତାଭ କାନ୍ତଙ୍କ ଦ୍ୱାରା ଏକ ଜାତୀୟ ସ୍ତରୀୟ ୱେବିନାର 'ସାଥ୍' ପ୍ରକଳ୍ପ ଶିକ୍ଷା ପରିଚାଳନା କରାଯାଇଛି। ଉକ୍ତ ୱେବିନାରରେ ଉଭୟ ବିସିଜି ଏବଂ ପିରାମଲ ଫାଉଣ୍ଡେସନ ସେମାନଙ୍କର ସହଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ସାଥ୍' ପରିଚାଳିତ ତିନୋଟି ରାଜ୍ୟ ଯଥା ଓଡ଼ିଶା, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ରାଜ୍ୟର ଶିକ୍ଷାମନ୍ତ୍ରୀମାନଙ୍କ ସହ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଦେଶର ବିଶିଷ୍ଟ ଶିକ୍ଷାବିତ୍ ମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ ଯେ, ଗୁଣାତ୍ମକ ଶିକ୍ଷା ଅଧିକାର ଉପରେ ଆମେ ଦୃଢ଼ତାର ସହିତ ବିଶ୍ୱାସ ରଖି ଆସୁଛୁ। 'ସାଥ୍'ର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ନିୟମିତ ରୂପାନ୍ତରୀଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଶିକ୍ଷା ମୂଳଦୁଆକୁ ସୁଦୃଢ଼ କରିପାରିଛି। ଏହିଅବସରରେ, "ସିଷ୍ଟେମିକ୍ ଟ୍ରାନ୍ସଫରମେସନ୍ ଅଫ୍ ସ୍କୁଲ ଏଜୁକେସନ୍-ଦି ସାଥ୍-ଇ ଏକ୍ସପେରିଏନ୍ସ" ରିପୋର୍ଟ ମନ୍ତ୍ରୀ ଦାଶ ଉନ୍ମୋଚନ କରିଥିଲେ। ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓସେପାର ଅତିରିକ୍ତ ନିର୍ଦ୍ଦେଶକ ରଜନୀ ଜାନୀ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ସହ ନିର୍ଦ୍ଦେଶକ ଦୀପକ ରାୟଙ୍କ ସମେତ ବିସିଜି ଏବଂ ପିରାମଲ ଫାଉଣ୍ଡେସନର କର୍ମକର୍ତାଗଣ ଉପସ୍ଥିତ ଥିଲେ।

## ବାବା ଫର୍ନିଚର ଉପରେ ଜିଏସଟି ଏନଫୋର୍ସମେଂଟ ବିଭାଗର ଚଢ଼ାଉ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ରଣପଡାସ୍ଥିତ ବାବା ଫର୍ଣ୍ଣିଚର ଏଣ୍ଡ ସନ୍ସ ନାମକ ଏକ ଦୋକାନ ଉପରେ ପାରାଦୀପ ଜିଏସଟି ଏନଫୋରସମେଂଟ ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇଛି। ଜିଏସଟି ମୁଖ୍ୟାଳୟର ନିର୍ଦ୍ଦେଶ କ୍ରମେ ପାରାଦୀପ ଜୋନର ଡେପୁଟୀ କମିଶନର ଅଖିଳ କୁମାର ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ବାବା ଫର୍ଣ୍ଣିଚର ଏଣ୍ଡ ସନ୍ସ ଉପରେ ଚଢାଉ କରିଥିଲେ। ଏହି ଟିମ ବାବା ଫର୍ଣ୍ଣିଚରର ବିଭିନ୍ନ ୱାର୍କସପ ଉପରେ ମଧ୍ୟ ଚଢାଉ କରାଯିବା ସହ ତା'ର ଷ୍ଟକ ଜାଞ୍ଚ କରାଯାଇଛି। ବାବା ଫର୍ଣ୍ଣିଚରର ସମସ୍ତ ଷ୍ଟକ ଷ୍ଟେଟମେଂଟ ମିଳିବା ପରେ ଓ ସମସ୍ତ କାଗଜପତ୍ର ଜାଞ୍ଚ ହେବା ପରେ ସେହି ଦୋକାନରେ ଥିବା ସାମଗ୍ରୀ ଗୁଡିକର ମୂଲ୍ୟ ଆକଳନ କରାଯାଇ ଜିଏସଟି ଟ୍ୟାକ୍ସ ଜୋରିମାନା କରାଯିବ ବୋଲି ଡେପୁଟୀ କମିଶନର ଶ୍ରୀ ସାହୁ କହିଛନ୍ତି।



## ତିନି କେଜି ବଜ୍ରକାପ୍ତା କାତି ଜବତ ,୨ ଗିରଫ

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଧିନସ୍ଥ ଧଳାପଥର ଫାଣ୍ଡି ଅଂଚଳରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରକାପ୍ତା କାତି ବିକ୍ରୟ ପାଇଁ ମସୁଧା ଚଳାଇଥିବା ବେଳେ ଖୋର୍ଦ୍ଧା ବନ ବିଭାଗ କର୍ମଚାରୀ ବ୍ୟବସାୟୀ ସାଜି ଅତର୍କିତ ଭାବରେ ଚଢାଉ କରିଥିଲେ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିବା ସହ ୩ କେଜି ବଜ୍ରକାପ୍ତା କାତି ଜବତ କରି ର୍ୟାକେଟ ଚଳାଇଥିବା ବ୍ୟକ୍ତିଙ୍କୁ ବନ ବିଭାଗ ଖୋଜିବାରେ ଲାଗି ପଡିଛି। ଖୋର୍ଦ୍ଧା ବନାଂଚଳ ଅଧିକାରୀ ଅସିତ ମିଶ୍ରଙ୍କ ସୂଚନା ମୁତାବକ ନୟାଗଡ ଜିଲ୍ଲା ଫତେଗଡ ଥାନା ଅଂଚଳର ଶାଳବଣି ଗ୍ରାମର ଦୁଇ ଭାଇ ଗୁଣ୍ଡିଚା ଖୁଂଟିଆ ଓ ରାଜ କିଶୋର ଖୁଟିଂଆ ବିଲୁପ୍ତ ହେଉଥିବା ବଜ୍ରକାପ୍ତାଟିକୁ ମରିଚିଆ ଜଙ୍ଗଲରୁ ଧରି ଧଳାପଥର ଅଂଚଳରେ ବ୍ୟବସାୟ କରିବା ପାଇଁ ର୍ୟାକେଟର ମୁଖ୍ୟଙ୍କ ମଧ୍ୟରେ କଥାବାର୍ତା ଚାଲୁ ରହିଥିଲା। ଏହି ବଜ୍ରକାପ୍ତାଟିକୁ ନେଇ ବିକ୍ରୟ ପାଇଁ କୌଣସି କଥା ଛିଡୁ ନଥିବା ବେଳେ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ବ୍ୟବସାୟୀ ସାଜି ସେଠାରେ ପହଂଚି ଅତର୍କିତ ଭାବରେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଛି। ଏହି ବଜ୍ରକାପ୍ତା ର୍ୟାକେଟରେ କିଏ ସାମିଲ ଅଛନ୍ତି ସେ ନେଇ ବନଭିଭାଗ ଅଧିକ ତଥ୍ୟ ପାଇବା ପାଇଁ ତଦନ୍ତ ଚଳାଇଛି।



## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।



## ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।



# ମୋ ଓଡ଼ିଶା

## ଆମ ପରମ୍ପରାରେ ଓଷାବ୍ରତ





ବାରମାସ ମଧ୍ୟରେ କାର୍ତ୍ତିକ ମାସଟି ପବିତ୍ର ଓ ଶ୍ରେଷ୍ଠ। ବ୍ରତୀମାନେ ଏହିମାସରେ କାର୍ତ୍ତିକ ବ୍ରତ କରନ୍ତି। କାର୍ତ୍ତିକ ମାସରେ ସ୍ନାନ ଓ ଦୀପଦାନ ମହାପୂଣ୍ୟ ବୋଲି ବିଚାର କରାଯାଏ। ଏ ମାସର ଅନ୍ୟାନ୍ୟ ପର୍ବ ଓ ଓଷାବ୍ରତ ମଧ୍ୟରେ ଅଛନ୍ତି ଗର୍ଭଣା ସଂକ୍ରାନ୍ତି, ନାଗ ଚତୁର୍ଥୀ, କାଳୀପୂଜା, ଦୀପାବଳି, ଅଁଳା ନବମୀ, ପଞ୍ଚୁକ, ଉତ୍‌ଥାପନ ଏକାଦଶୀ, ବଡ଼ଓଷା, ବୋଇତ ବନ୍ଦାଣ ଉତ୍ସବ ଏବଂ କାର୍ତ୍ତିକ ବା ରାସପୂର୍ଣ୍ଣିମା। ଶାସ୍ତ୍ରରେ ଅଛି, ଯେଉଁମାନେ ମାସ ସାରା ଧର୍ମାଚରଣ କରି ନପାରନ୍ତି, ସେମାନେ କାର୍ତ୍ତିକର ଶେଷ ପାଞ୍ଚଦିନ ପାଳନ କଲେ ମାସକର ଫଳ ପାଇବେ। ପଞ୍ଚୁକର ଶେଷ ଦୁଇଦିନକୁ କୁହନ୍ତି ବଡ଼ଓଷା। ଏହାକୁ ବଡ଼ଓଷା କହିବାର ଅର୍ଥହେଲା ଏହି ଯେ ଏହା ଓଷା ମଧ୍ୟରେ ବଡ଼ ବା ଶ୍ରେଷ୍ଠ। ବଡ଼ଓଷାରେ ଶିବଙ୍କର ପୂଜା କରାଯାଏ। ବିଶେଷକରି ଧବଳେଶ୍ୱର ମହାଦେବଙ୍କର ପୂଜା ହୁଏ। ପ୍ରଥମେ ଏ ପୂଜା ମହାନଦୀ ଗର୍ଭରେ ଥିବା ଧବଳେଶ୍ୱରଙ୍କଠାରେ ଗଜପତି ରାଜା ପ୍ରତାପରୁଦ୍ର ଆରମ୍ଭ କରିଥିଲେ। ସେବେଠୁ ଏ ପୂଜା ଚାଲିଛି। ଏବେ ଏହାକୁ ନେଇ ପ୍ରତି ଗାଁ ଗଣ୍ଡା ଓ ସହରର ଶିବମନ୍ଦିରମାନଙ୍କରେ ଏ ଉତ୍ସବ ଅନୁଷ୍ଠିତ ହୁଏ। ତେବେ ଧବଳେଶ୍ୱର ନାମଥିବା ଶିବମନ୍ଦିରରେ ଏହା ଯାତ୍ରୋତ୍ସବ ରୂପେ ଯାକଯମକରେ ପାଳିତ ହୁଏ। ଏ ଓଷାରେ ଶିବଙ୍କୁ ଗଜମଣ୍ଡା ଓ ତରଣ ଇତ୍ୟାଦି ଭୋଗ ଲାଗିହୁଏ। ବିଶ୍ୱାସ ଏହି ଯେ ଏହିବ୍ରତ ପାଳନ ଫଳରେ ଯୁବତୀ କନ୍ୟାମାନେ ତାଙ୍କ ଇପ୍‌ସିତ ବର ପାଇଥାନ୍ତି; ନାରୀମାନେ ନିଜ ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳ ପାଇଁ ମଧ୍ୟ ଏହି ଓଷା କରନ୍ତି। ଖାଲି ସେତିକି ନୁହେଁ ଏହି ଓଷା ପାଳନ ଫଳରେ ଚର୍ମ ଓ କୁଷ୍ଠ ଇତ୍ୟାଦି ରୋଗରୁ ମୁକ୍ତି ମିଳେ। ଏ ବ୍ରତ ନେଇ ଏକ ସୁନ୍ଦର କାହାଣୀ ଅଛି। କାହାଣୀମତେ ପୂର୍ବେ ଉତ୍କଳ ଦେଶରେ କ୍ରତୁ ବୋଲି ଜଣେ ରାଜା ଶିକାରକୁ ଯାଇଥିଲେ। ବନମଧ୍ୟରେ ସେ ଦେଖିଲେ ଯେ ଏକ ଭଗ୍ନ ଶିବ ମନ୍ଦିରରେ ନାଗପୁରର ରାଜକୁମାରୀ ହରପ୍ରିୟା ତାଙ୍କୁ ପାଇବାକୁ ପୂଜା କରୁଛି। ଦୁହିଁଙ୍କର ସେଠି ମିଳନ ହେଲା ଓ ବିବାହ ସଂପନ୍ନ ହେଲା। ବିବାହ ପରେ ରାଜା ହରପ୍ରିୟାଙ୍କ ମୋହରେ ଅନ୍ଧହୋଇ ରାଜ୍ୟକାର୍ଯ୍ୟ ଠିକ୍ ରୂପେ ବୁଝିଲେ ନାହିଁ। ଶାସନ ହୁଗୁଳା ହେଲା। ଶତ୍ରୁମାନେ ଏହାର ସୁଯୋଗ ନେଇ ତାଙ୍କ ରାଜ୍ୟ ଦଖଲ କଲେ। ସେ ପ୍ରାଣବିକଳରେ ରାଣୀଙ୍କ ସହ ବନକୁ ପଳାୟନ କଲେ।

ବନବାସ ବେଳେ ରାଜା ଜଣେ ସନ୍ନ୍ୟାସୀ କେତକୀ ଫୁଲ ଶିବଙ୍କ ପୂଜା ପାଇଁ ନେଇକି ଯାଉଥିବାର ଦେଖିଲେ। ସେ ଫୁଲକୁ ତାଙ୍କଠୁ ଛଡ଼ାଇ ରାଣୀଙ୍କୁ ଦେଲେ। ଏଥିକୁ ସେ ସନ୍ୟାସୀ ଅଭିଶାପ ଦେଲେ ଏବଂ କ୍ରତୁଙ୍କୁ କୁଷ୍ଠ ରୋଗ ହେଲା। ଏଥିରେ ଦୁଃଖୀତ ହୋଇ ରାଣୀ ଆଉଜଣେ ସନ୍ନ୍ୟାସୀଙ୍କୁ ପରାମର୍ଶ କଲେ। ସେ ସନ୍ନ୍ୟାସୀ ବୁଝାଇ ଦେଲେ ଯେ ଶିବାର୍ଥେ ପୂଜା ଫୁଲ ଅପହରଣ କାରଣରୁ ରାଜାଙ୍କୁ କୁଷ୍ଠ ହେଲା। ସେଯାଇ ମହାନଦୀ ଗର୍ଭରେ ଥିବା ଧବଳେଶ୍ୱରଙ୍କ ପୂଜା କରନ୍ତୁ, ରୋଗମୁକ୍ତ ହେବେ। ରାଣୀ ଧବଳେଶ୍ୱରଙ୍କୁ ପୂଜା କରି ରାଜାଙ୍କୁ ରୋଗ ମୁକ୍ତ କରାଇଲେ ଏବଂ ତାଙ୍କ ଆଶୀର୍ବାଦରୁ ପୁତ୍ର ସନ୍ତାନ ଲାଭ କରି ସୁଖରେ ରହିଲେ। ସେ ତାଙ୍କ ହରାଇଥିବା ରାଜ୍ୟ ଫେରି ପାଇଲେ।

ଶିବବ୍ରତ ବଡ଼ କଠିନ ବ୍ରତ। ଏଥିରେ ବ୍ରତୀ ନିର୍ଜ୍ଜଳ ଉପାସ ରହିବାକୁ ପଡ଼େ। ବ୍ରତ ବିଧି ଯଥାରୀତି ପାଳନ କରିବାକୁ ହୁଏ। ବ୍ରତ ବା ଉପାସ ବିଜ୍ଞାନ ସମ୍ମତ। ଏହା ଶରୀରପକ୍ଷେ ଲାଭଦାୟକ। ଏହି ବ୍ରତରେ ପାଳନ କରାଯାଇଥିବା ସମସ୍ତ ବିଧି ଏମିତିକି ଭୋଗ ରାଗ ଓ ପଣା ଇତ୍ୟାଦି ସୁସ୍ଥ ସ୍ୱାସ୍ଥ୍ୟ ସମ୍ବନ୍ଧୀ। ବିଜ୍ଞାନକୁ ବାଦ ଦେଇ ଧର୍ମନାହିଁ। ଏଣୁ ଏହା ଆମେ ପାଳନ କରିବା ଉଚିତ୍। ପୁନଶ୍ଚ କର୍ମମୟ ଜୀବନ ଭିତରେ ଏ ପ୍ରକାର ଓଷାବ୍ରତ ଓ ପର୍ବପର୍ବାଣୀ ଆମକୁ କିଛି ସାମୟିକ ଆନନ୍ଦ ଦିଅନ୍ତି। ଏହା ଆମେ ଜାଣିବା ଉଚିତ୍।

**ବିପିନବିହାରୀ ମହାନ୍ତି,** ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦, ମୋ : ୯୯୩୮୩୪୪୧୩୮

## ଗାଁ ସାଥୀ(ମେଟ) ସଙ୍ଘ ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଗାଁ ସାଥୀ(ମେଟ୍) ସଙ୍ଘ ମିଳିତ କ୍ରୀୟାନୁଷ୍ଠାନ କମିଟି ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ଏକ ୧୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ରାଜ୍ୟ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶ ଅନୁଯାଇ ନ୍ୟାସନାଲ ମୋବାଇଲ ମନିଟରିଂ ସିଷ୍ଟମରେ ପଞ୍ଜିକରଣ ନିମନ୍ତେ ୨୦୦୮ର ସମସ୍ତ ଗାଁ ସାଥୀ(ମେଟ୍)ମାନଙ୍କୁ ଲିଖିତ ସୂଚନା ପ୍ରଦାନ ପୂର୍ବକ ପ୍ରଶିକ୍ଷଣ ପ୍ରଦାନ କରାଯିବା, ଡବ୍ଲୁ .ପି.ସି. ନମ୍ବର- ୨୭୫୭୩/୨୦୨୧ରେ ଉଚ୍ଚ ନ୍ୟାୟାଳୟ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ପାଳନ କରାଯିବା, ରାଜ୍ୟ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶ ସଂଖ୍ୟା - ୯୪୦ ତା ୧୧.୦୧.୨୦୧୯ ଅନୁଯାଇ ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟରତ ଗାଁ ସାଥୀ(ମେଟ୍)ମାନଙ୍କୁ ମାସିକ ସର୍ବନିମ୍ନ ୧୦ଦିନରୁ ଅଧିକ ମନରେଗା ପ୍ରକଳ୍ପ କାର୍ଯ୍ୟ ଉଚିତ ସରକାରୀ ପ୍ରାପ୍ୟ ସହିତ ପ୍ରଦାନ କରାଯିବା, ମନରେଗାରୁ ମଧ୍ୟସ୍ଥି ଓ ଭେଣ୍ଡର ବ୍ୟବସ୍ଥା ଉଚ୍ଛେଦ କରାଯିବା, ମନରେଗାରେ କାର୍ଯ୍ୟକରି ପ୍ରାପ୍ୟ ପାଇନଥରବା ମେଟ୍ ମାନଙ୍କୁ ତୁରନ୍ତ ବକେୟ ପ୍ରାପ୍ୟ ପ୍ରଦାନ କରାଯିବା, ମନରେଗା ପ୍ରକଳ୍ପର କାର୍ଯ୍ୟାଦେଶ ମେଟ୍ ଙ୍କ ନାମରେ ପ୍ରଦାନ କରାଯିବା, ମେଟ୍ ମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା, ପ୍ରତ୍ୟେକ ମନରେଗା ପ୍ରକଳ୍ପର ଅଟ୍ଟକଳରେ ମେଟ୍ ମାନଙ୍କ ପାଇଁ ବ୍ୟବସ୍ଥା ରହିବା ପ୍ରଭୃତି ଦାବି ରହିଛି। ଏହି ଅବସରରେ ସଙ୍ଘର ଜିଲ୍ଲା ଶାଖା ସଭାପତି କନକଲତା ଜେନା ଓ ସମ୍ପାଦକ ଅନିଲ



କୁମାର ଜେନା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ସଙ୍ଘର ଉପରେକ୍ତ ସମସ୍ୟା ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକଳ୍ପ ନର୍ଦ୍ଦେଶକ ଶ୍ରୀ ପଣ୍ଡା ତୁରନ୍ତ ମେଟ୍ ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ମୋବାଇଲ ମନିଟରିଂ ସିଷ୍ଟମରେ ସାମିଲ, ସେମାନଙ୍କ ବକେୟା ପ୍ରଦାନ, ମନରେଗାରେ ମାସକୁ ସର୍ବନିମ୍ନ ୧୦ଦିନର କାର୍ଯ୍ୟ ଯୋଗାଇଦେବା ସମ୍ପର୍କରେ ଜିଲ୍ଲାର ବିଡିଓମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଙ୍ଘ ପକ୍ଷରୁ ଲତିକା ସ୍ୱାଇଁ, ବରଦାକାନ୍ତ ପାତ୍ର, ମନୋଜ କୁମାର ସାହୁ, ବିଜୟ କୁମାର ବେହେରା, ରୀନାରାଣୀ ସୁତାର, ମମତା ନାୟକ, ପ୍ରଶାନ୍ତ କୁମାର ଦାସ, କବି ପ୍ରସାଦ ମଲିକ, ଉପେନ୍ଦ୍ର କୁମାର ସାହୁ, ଅନିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୧



କୋଣାର୍କ (ପିଏନ୍)-ଚନ୍ଦ୍ରଭାଗା ବେଳାଭୂମିରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୧ ରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ଉତ୍ସବ-୨୦୨୧ ସମୟରେ ୧୧ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି । ଚନ୍ଦ୍ରଭାଗା ବେଳାଭୂମିରେ ପ୍ରଥମ ଥର ପାଇଁ ୨୦୧୧ ମସିହା ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଏହି ଉତ୍ସବର ଲୋକପ୍ରିୟତାକୁ ଦେଖି ୨୦୧୧ ମସିହା ଡିସେମ୍ବର ୨୦ ତାରିଖରୁ ୨୦୧୨ମସିହା ଯାନୁୟାରୀ ୨୦ ତାରିଖ ପର୍ଯ୍ୟନ୍ତ ଏକମାସ ଧରି ଆଉଏକ ରାଜ୍ୟସ୍ତରୀୟ ବାଲୁକା କଳା ଉତ୍ସବ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା । ଏହି ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନୀର ଲୋକ ପ୍ରିୟତା ବୃଦ୍ଧି ପାଉଥିବା ଦେଖି ଓଡ଼ିଶା ପର୍ଯ୍ୟଟନ ବିଭାଗ ଏଥିରେ ଉତ୍ସାହିତ ହୋଇ କୋଣାର୍କ ଉତ୍ସବ ସମୟରେ ପାଞ୍ଚଦିନ ବ୍ୟାପି ବାଲୁକା କଳା ଉତ୍ସବ ଆୟୋଜନ କରିଆସୁଛି । ଚଳିତ ବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ୧୧ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ



ଆୟୋଜନ ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏହି ଉତ୍ସବରେ ଯୋଗ ଦେବା ପାଇଁ ନଭେମ୍ବର ୩୦ତାରିଖରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ କୋଣାର୍କରେ ପହଞ୍ଚିବେ । ବାଲୁକା ଶିଳ୍ପୀମାନେ ଡ଼ିସେମ୍ବର ୧ତାରିଖଠାରୁ ନିଜନିଜର ଷ୍ଟଲରେ ବାଲୁକା କଳାକୃତି ପରିସ୍ଫୁଟ କରିବାର କାର୍ଯ୍ୟକ୍ରମ ରହିଛି । ୨୦୧୧ ରୁ ୨୦୧୯ ପର୍ଯ୍ୟନ୍ତ ବିଦେଶୀ ବାଲୁକା ଶିଳ୍ପୀମାନେ ଏହି ଉତ୍ସବରେ ଭାଗ ନେଇ ନିଜ ନିଜ ଷ୍ଟଲରେ ବାଲୁକା କଳା ପ୍ରଦର୍ଶନ କରିଆସୁଥିଲେ । କିନ୍ତୁ ମହାମାରି କୋରାନା ପାଇଁ ଗତ ବର୍ଷ ବିଦେଶୀ ବାଲୁକା ଶିଳ୍ପୀମାନେ ଯୋଗ ଦେଇପାରି ନଥିବା ବେଳେ ଚଳିତବର୍ଷ ମଧ୍ୟ ଯୋଗଦେଇ ପାରିବେ ନାହାନ୍ତି । ପର୍ଯ୍ୟଟନ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମିରେ ଏଥି ନିମନ୍ତେ ଷ୍ଟଲ ନିର୍ମାଣ ଓ ବାଲି ସଂଗ୍ରହ କାର୍ଯ୍ୟ ଖୁବଶିଘ୍ର ଆରମ୍ଭ କରାଜିବ ବୋଲି ଅନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ପ୍ରଦର୍ଶନି ସମୟରେ ଆମ ଦେଶର ବାଲୁକାଶିଳ୍ପୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଳ୍ପୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥାଏ । ଗତ ୨୦୧୫ ମସିହାରେ ପ୍ରଥମ ଥର ପାଇଁ ମହିଳା ବାଲୁକା ଶିଳ୍ପୀଙ୍କୁ ପ୍ରତିଯୋଗୀତାରେ ସାମିଲ କରାଯାଇଥିଲା । ବିଗତ ୧୦ ବର୍ଷ ଧରି ଆୟୋଜିତ ଆନ୍ତର୍ଜାତିକ ବାଲୁକା ଉତ୍ସବକୁ ଦଖିବା ପାଇଁ ପ୍ରତ୍ୟହ ଲକ୍ଷାଧିକ ପର୍ଯ୍ୟଟକ ବାଲୁକା କଳା ପ୍ରଦର୍ଶନୀକୁ ରାତି୧୧ଟା ପର୍ଯ୍ୟନ୍ତ ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଥାଏ । ଏହି ବାଲୁକାକଳା କୋଣାର୍କ ଉତ୍ସବର ମର୍ଯ୍ୟାଦାକୁ ବହୁଗୁଣିତ କରୁଛି ବୋଲି ପର୍ଯ୍ୟଟକ ଓ କଳାପ୍ରେମୀମାନେ କହିଛନ୍ତି । ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୋଭିଡ ନିୟମାନୁଯାଇ ସମସ୍ତ କାର୍ଯ୍ୟ କରିଚାଳନ କରାଯିବ । ସଂପ୍ରତି ପର୍ଯ୍ୟଟନ ଋତୁରେ ଚନ୍ଦ୍ରଭାଗା ବେଳାଭୂମିରେ ପର୍ଯ୍ୟଟକମାନଙ୍କ ଗହଳି ଆରମ୍ଭ ହୋଇଗଲାଣି । ପର୍ଯ୍ୟଠକଙ୍କ ଆଗମନକୁ ଦୃଷ୍ଟିରେ ରଖି ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ କରା ଯାଇ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ଅଧିକ ଧ୍ୟାନ ଦିଆଯିବ ବୋଲି ସ୍ଥାନୀୟ ସହ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରକାଶ କରିଛନ୍ତି ।




## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସମାଜସେବୀ ମକରି ପଣ୍ଡାଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତର ହବିଳିସାହି ଗ୍ରାମର ଧର୍ମପ୍ରାଣା ତଥା ସମାଜସେବୀ ସ୍ୱର୍ଗତା ମକରି ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ହାବିଳି ସାହିସ୍ଥିତ ବାସଭବନ ପରିସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷାବିତ ପ୍ରଣବ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତି ସଭାରେ ଶିକ୍ଷାବୀତ ବ୍ରଜକିଶୋର ପତି, ପରିବେଶବିତ କାଶୀନାଥ ରାଉତରାୟ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସୁଦାମ ବେହେରା, ପ୍ରାକ୍ତନ ସରପଞ୍ଚ ବିଜନ ମଲିକ, ଶମ୍ଭୁନାଥ ମହାପାତ୍ର, ପ୍ରଫୁଲ୍ଲ କୁମାର ଦାସ, ପ୍ରମୋଦ କୁମାର ପତି, ଶାରଦା ପ୍ରସନ୍ନ ପଣ୍ଡା, ମହିବୁର ରକ୍, ଚନ୍ଦନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ପଣ୍ଡାଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ପ୍ରଭାତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ଭାଗବତ କଥାମୃତ ଆଲୋଚନାର ତୃତୀୟ ସନ୍ଧ୍ୟା



ଯାଜପୁର (ପିଏନ୍)- ଯାଜପୁରର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତା ଜାଗରଣ ପରିଷଦର ଭାଗବତ କଥାମୃତ ଆଲୋଚନାର ୩ୟ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଡା. ରାଜକିଶୋର ପଣ୍ଡା ପ୍ରଦୀପ ପ୍ରଜ୍ୱଳନପୂର୍ବକ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ଆଡ଼ଭୋକେଟ୍ ପ୍ରତିମା କର ସଭାରେ ଅଧକ୍ଷତା କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ । ସନ୍ଧ୍ୟା ୫ ଘଟିକା ସମୟରେ ମନ୍ଦିର ପରିସରରେ ଆକାଶଦୀପ ପ୍ରଜ୍ୱଳନ କରାଯାଇଥିଲା। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ରପାଠ କରିବା ସହ ନିରାଶ୍ରୟାଷ୍ଟକ ପାଠ କରିଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତି ଯୋଗଦେଇ ଭାଗବତ ଆଲୋଚନା ଓ ଶ୍ରବଣଭାବ ସାତ୍ତ୍ୱିକ ଅଟେ ଯାହା ମନୁଷ୍ୟକୁ ମୋକ୍ଷ ଓ ମୁକ୍ତିର ମାର୍ଗ ଦେଖାଏ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ପ୍ରବଚକ ଡଃ. ଜ୍ଞାନରଞ୍ଜନ ପତି ଭାଗବତର ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ପୂତନାର ପୂର୍ବଜନ୍ମ ବୃତ୍ତାନ୍ତ ବିଷୟରେ ଆଲୋଚନା କରିଥିଲେ ଓ ଭଗବାନ କିପରି ଭାବରେ ପୂତନାକୁ ମୁକ୍ତିଦେଲେ ସେ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହ-ସମ୍ପାଦକ ବୃନ୍ଦାବନ ମିଶ୍ର, ଗଦାଧର ରାଉତ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସୁବାସ ମହାପାତ୍ର, ଶାନ୍ତନୁ ଧଳ, ସନ୍ତୋଷ ସ୍ୱର୍ଣ୍ଣକାର, ଅକ୍ଷୟ ମିଶ୍ର, ଧନଞ୍ଜୟ ପୃଷ୍ଟି, ପାଗୁ ଦାସ, ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ

କେନ୍ଦ୍ରାପଡ଼ା (ପିଏନ୍): ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡିକ ନିମନ୍ତେ ବିଶ୍ୱ-ବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ଦ୍ୱାରା ଜାରି ନିୟମାବଳୀ ଅନୁଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏକ ୧୨ ଜଣିଆ ନୂତନ ପରିଚାଳନା କମିଟି ଗଠନ କରାଯାଇଥିବା ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏସମ୍ପର୍କିତ ବିଜ୍ଞପ୍ତି ଜାରି ହେବାଦିନଠାରୁ ୩ବର୍ଷ ପର୍ଯ୍ୟନ୍ତ ଏହି କମିଟି କାର୍ଯ୍ୟ କରିବ। ଏହି ନୂତନ ପରିଚାଳନା କମିଟିର ସଭାପତି ଭାବେ ଡା. ବାସୁଦେବ ପାତ୍ରଙ୍କୁ ମନୋନିତ କରାଯାଇଥିବା ବେଳେ ସଦସ୍ୟ ଭାବରେ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଡଃ. ଅପର୍ଣ୍ଣା ମହାନ୍ତି, ପ୍ରଫେସର ଅଜୟ କୁମାର ସାମଲ, ଡଃ. ରାଜ ଗୋପାଳ ମହାନ୍ତି, ଅବସରପ୍ରାପ୍ତ ଅଧକ୍ଷ ଡଃ. ସେକ ସମସୁର, ଶିକ୍ଷକ ପ୍ରତିନିଧି ଭାବେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ରିଡର ଡଃ. ସଞ୍ଜିବ କୁମାର ମହାନ୍ତି ଓ ରସାୟନ ବିଜ୍ଞାନ ବିଭାଗ ରିଡର ଡଃ. ଦେବେନ୍ଦ୍ର ନାଥ ଗୋଛାୟତଙ୍କୁ ମନୋନିତ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି ଇତିହାସ ବିଭାଗ ପ୍ରଫେସର ବସନ୍ତ କୁମାର ମଲ୍ଲିକ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବେ ଏହି ପରିଚାଳନା କମିଟିକୁ ମନୋନିତ ହୋଇଛନ୍ତି। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଏହି ପରିଚାଳନା କମିଟିର ସଦସ୍ୟ ସମ୍ପାଦକ ଭାବେ ମନୋନିତ ହୋଇଛନ୍ତି। ଏତଦବ୍ୟତିତ ଏହି କମିଟିର ସଦସ୍ୟ ଭାବରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରଡିଇ ଭୁବନେଶ୍ୱରରୁ ଜଣେ ମନୋନିତ ହେବାକୁ ଥିବା ବେଳେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିସନ ପକ୍ଷରୁ ମଧ୍ୟ ଜଣେ ପ୍ରତିନିଧି ମନୋନିତ ହେବେ।

## ସରକାରୀ ବାସଭବନ ଉଦ୍‌ଘାଟିତ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସରରେ ସରକାରୀ ବାସଭବନ ଉଦ୍‌ଘାଟିତ ହୋଇଯାଇଛି । ୨୫ଲକ୍ଷ ଟଙ୍କା ବିନିମୟରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ମିତ ଦ୍ୱିତଳବିଶିଷ୍ଟ କୋଠାକୁ ମୁଖ୍ୟଅତିଥି ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ବିଜେଡି ଯୁବନେତା ପ୍ରତାପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଅରବିନ୍ଦ ବେହେରା, ଜାରକା ସରପଞ୍ଚ ବିଭୂତିଭୂଷଣ ପାଣିଗ୍ରାହୀ, ସମିତି ସଭ୍ୟ ସୁଦାମ ଚରଣ ବେହେରା, ବିଜେଡି ଜିଲ୍ଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବିଜେଡି ନେତା ଉତ୍କଳମଣି ଦାସ, ସହକାରୀ ଯନ୍ତ୍ରୀ ଯତିନ୍ଦ୍ର ମୋହନ ସ୍ୱାଇଁ ଓ କନିଷ୍ଠ ଯନ୍ତ୍ରୀ ରତ୍ନାକର ସାହୁ ଅତିଥିଭାବେ ଯୋଗ ଦେଇଥିଲେ । ବିଜେଡି ଜିଲ୍ଲା ସାଧାରଣ ସଂପାଦକ ବିକାଶ ରଂଜନ ବେହେରା, ବିଜେଡି ମିଡିଆ ସେଲ୍ ଅଧ୍ୟକ୍ଷ ସଂଗ୍ରାମ କେଶରୀ ଜେନା, ୧୪ନମ୍ବର ଜୋନ୍ ବିଜେଡି ସଂଯୋଜକ ମଦନମୋହନ ନାୟକ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ବିଜେଡି ନେତା ସୁଶିଲ ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଯୁବନେତା ରାକେଶ ନାୟକ ଓ ଅମରେନ୍ଦ୍ର ରାଉତ ଯୋଗ ଦେଇଥିଲେ ।

## ବ୍ୟଙ୍ଗକବି କିଶୋର ରଥଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଅଗ୍ରଣୀ ଓଡ଼ିଆ ଖବରକାଗଜ 'ସମ୍ବାଦ'ର ପ୍ରଥମ ପୃଷ୍ଠାରେ କାର୍ଟୁନ୍ କଲମର ବ୍ୟଙ୍ଗ କବି କିଶୋର ରଥଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶ୍ରୀ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ସ୍ୱର୍ଗତଃ ରଥଙ୍କ ସହ ଦୀର୍ଘଦିନ ଧରି ବ୍ୟକ୍ତିଗତ ସମ୍ପର୍କ ଥିଲା। ତାଙ୍କର ମାତ୍ର ୫୮ ବର୍ଷରେ ଅକାଳ ବିୟୋଗ ମୋତେ ଅତ୍ୟନ୍ତ ଦୁଃଖ ଦେବା ସହ ମର୍ମାହତ କରିଛି। ସ୍ୱର୍ଗତ ରଥ କାର୍ଟୁନ ମାଧ୍ୟମରେ ସାହିତ୍ୟଠାରୁ ଆରମ୍ଭ କରି ଖେଳ ପର୍ଯ୍ୟନ୍ତ ଏବଂ ବିଶେଷ କରି ରାଜନୀତିର ପ୍ରତିଟି ଘଟଣାକୁ ବ୍ୟଙ୍ଗାତ୍ମକ ଭାବରେ ଚିତ୍ରିତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିଆରା ଥଲା। ଦିଶାହୀନ ସମାଜର ପ୍ରତ୍ୟେକ ଘଟଣାକୁ ସେ 'କଟାକ୍ଷ' ମାଧ୍ୟମରେ ଲୋକଲୋଚନକୁ ଆଣୁଥିଲେ। ଯାହାଦ୍ୱାରା କି ସମାଜର ବହୁ କ୍ଷେତ୍ରରେ ସୁଧାର ବି ହୋଇପାରୁଥିଲା। ସରଳ, ନିଷ୍କପଟ, ପରୋପକାରୀ, ସମାଜସେବୀ ଥିବା ସ୍ୱର୍ଗତ ରଥ କେବଳ ବ୍ୟଙ୍ଗ କାର୍ଟୁନିଷ୍ଟ ନଥିଲେ, ସେ ଜଣେ ବିଚକ୍ଷଣ ସଙ୍ଗୀତଜ୍ଞ ମଧ୍ୟ ଥିଲେ। ଖଣ୍ଡପଡ଼ାର ଲୁପ୍ତପ୍ରାୟିତ ଲୋକସଙ୍ଗୀତ 'ଡୁମ୍ପା' ସଙ୍ଗୀତକୁ ସେ ଘରେଘରେ ପରିଚିତ କରାଇବା ପାଇଁ ଚିନ୍ତା କରିଥିଲେ। ତାଙ୍କ ଭଳି ଜଣେ ବ୍ୟକ୍ତି ମିଳିବା ବିରଳ। ତାଙ୍କର ବ୍ୟଙ୍ଗାତ୍ମକ କାର୍ଟୁନ ଓ କବିତା ପାଇଁ ସାରା ରାଜ୍ୟବାସୀଙ୍କ ହୃଦୟରେ ସେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ନୟାଗଡ଼ରେ ଜନ୍ମଗ୍ରହଣ କରିଥବା ସ୍ୱର୍ଗତ ରଥଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତଃ ରଥଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ଶ୍ରୀ ପଟ୍ଟନାୟକ।




# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୂବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରେଲରର ଧକ୍କାରେ ମହିଳାଙ୍କ ମୃତ୍ୟୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଶଙ୍ଖାରିଡିହ ଛକ ନିକଟ ରିଲିଆନ୍‌ସ ପେଟ୍ରୋଲ୍ ପମ୍ପ ସାମ୍ନାରେ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଏକ ଟ୍ରେଲର ଧକ୍କାରେ ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତା ମହିଳା ସ୍ଥାନୀୟ ଗଙ୍ଗାଧରପୁର(ବଙ୍ଗାଳି ସାହି) ଗ୍ରାମର ହେମ' ଦାସଙ୍କ ପତ୍ନୀ ଲିଲି ଦାସ(୫୩) । ଲିଲି ସ୍ୱାମୀଙ୍କ ସହିତ ଏକ ସ୍କୁଟି ପଛରେ ବସି ଚଣ୍ଡିଖୋଲରୁ ଘରକୁ ଫେରୁଥିବା ବେଳେ ଶଙ୍ଖାରିଡିହ ଛକ ନିକଟ ହମ୍ପସ୍‌ରେ ଭାରସାମ୍ୟ ହରାଇ ସ୍କୁଟିରୁ ତଳକୁ ଖସି ପଡିଥିଲେ । ଏହି ସମୟରେ ପଛପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରେଲର ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା । ଫଳରେ ଲିଲିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ନିକଟସ୍ଥ ଲୋକମାନେ ରାଜପଥକୁ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟ' ଅବରୋଧ କରି ରଖିଥିଲେ । ଫଳରେ ରାସ୍ତାରେ ବହୁ ଗାଡିମୋଟର ଅଟକି ରହିଥିଲା । ଖବରପାଇ ପୁଲିସ୍ ପହଁଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରି ଗାଡିମୋଟର ଚଳାଚଳ ସ୍ୱାଭାବିକ କରାଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରେଲର ଓ ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଡାକ୍ତରଖାନାକୁ ପଠାଇ ପୁଲିସ୍ ଘଟଣାର ତଦନ୍ତ କରୁଛି ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): କୋଭିଡ୍-୧୯ ମହାମାରୀ ସମୟରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ସୁଦୂରପ୍ରସାରୀ ଓ ପ୍ରଭାବଶାଳୀ ରହିଥିଲା । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ "ମହାମାରୀ ମସୟରେ ଗଣମାଧ୍ୟମ : ଏକ ନୂତନ ଆହ୍ୱାନ'' ବିଷୟବସ୍ତୁ ଉପରେ ଆଲୋଚନାରେ ବହୁ ବିଶିଷ୍ଟ ଅତିଥିମାନେ ଅଂଶଗ୍ରହଣ କରି ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ସଭା ପ୍ରାରମ୍ଭରେ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଦତ ବାର୍ତା ଭିଡିଓ ମାଧ୍ୟମରେ ପ୍ରସାରିତ ହୋଇଥିଲା । ବାର୍ତାରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଥିଲେ । ସାରା ପୃଥିବୀ ଏହି ଅଭାବନୀୟ କୋଭିଡ୍ ମହାମାରୀକୁ ସାମ୍ନା କରୁଥିବାବେଳେ ନିର୍ଭରଯୋଗ୍ୟ ଓ ବିଶ୍ୱସନୀୟ ସମ୍ବାଦ ପରିବେଷଣ କ୍ରମେ ସମୃଦ୍ଧ ସମାଜ ଗଠନରେ ସାମ୍ବାଦିକମାନଙ୍କ ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଥିଲେ । ଉଭୟ ମଂଚ ଏବଂ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେଜଳସମ୍ପଦ ଓ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ତାଙ୍କ ଭିଡିଓ ବାର୍ତାରେ କହିଥିଲେ ଯେ ପ୍ରେସ୍ ହେଉଛି ଲୋକତନ୍ତ୍ରର ମୂଳଦୁଆ । ପ୍ରାୟ ଦେଢ଼ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମୁଦ୍ରିତ ଗଣମାଧ୍ୟମ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନେ ଅତି କଠିନ ସମୟରେ ନିଜ ଜୀବନ ଓ ପରିବାରକୁ ପଛରେ ପକାଇ ଖବର ପରିବେଷଣ ପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି । ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ନିଜର କର୍ତବ୍ୟ ସମ୍ପାଦନ କରୁଥିବା ବିଷୟକୁ ମନ୍ତ୍ରୀ ଶ୍ରୀ ଦାସ ପ୍ରଶଂସା କରିଥିଲେ । ଓଡ଼ିଶା ସରକାରଙ୍କ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ ନିଜର ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ୮୧୨୭ ଜଣ କର୍ମଜୀବୀ ସାମ୍ବାଦିକଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଣୟନ କରିଛନ୍ତି ଓ ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଅନ୍ତର୍ଭୁକ୍ତ କରାଯାଇଛି । କରୋନା ସମୟରେ ପ୍ରାଣବଳି ଦେଇଥିବା କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ଅର୍ଥ ପ୍ରଦାନ କରାଯାଇଛି । 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଗଣମାଧ୍ୟମର ପ୍ରତିନିଧିମାନେ କୋଭିଡ୍ ମହାମାରୀର ଆହ୍ୱାନକୁ ସାମ୍ନା କରି ଅତି ସ୍ୱର୍ଶକାତର ପ୍ରସଙ୍ଗଗୁଡ଼ିକୁ ଲୋକଲୋଚନକୁ ଆଣି ପାରିଥିଲେ । ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଦେବୀଲାଲ ମିଶ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ କୋଭିଡ୍ ମହାମାରୀ ପରିପ୍ରେକ୍ଷୀରେ ଗଣମାଧ୍ୟମର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ କୋଭିଡ୍ ମହାମାରୀ ସମୟରେ ସମ୍ବାଦ ପରିବେଷଣ ଏକ ଆହ୍ୱାନ ଥିଲା । ଏହି ଆହ୍ୱାନକୁ ସମୁଚିତ ଉପାୟରେ ମୁକାବିଲା କରି ସାମ୍ବାଦିକମାନେ ନିଜର ବୃତିଗତ ପରାକାଷ୍ଠା ଦେଖାଇ ପାରିଛନ୍ତି । ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ମହାମାରୀ ସମୟରେ ପ୍ରାଣ ହରାଇଥିବା ସାମ୍ବାଦିକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା । ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ୫ ଜିଲ୍ଲାର ୧୩୦ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଚାଲିଛି ସ୍କୁଲ ରୂପାନ୍ତର ପର୍ବ । ୫-ଟି ସ୍କୁଲ ଟ୍ରାନ୍ସଫରମେସନ୍ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଜିଲ୍ଲାର ୧୦୭୫ଟି ରୂପାନ୍ତରିତ ସ୍କୁଲର ଲୋକାର୍ପଣ ଚାଲିଛି । ସାତ ଦିନର ଏହି କାର୍ଯ୍ୟକ୍ରମରେ ଆଜି ଚତୁର୍ଥ ଦିବସରେ ନୂଆପଡା, ଗଞ୍ଜାମ ,ସମ୍ବଲପୁର , ରାୟଗଡ଼ା ଓ ନୟାଗଡ଼ ଆଦି ୫ଟି ଜିଲ୍ଲାର ୧୩୦ଟି ରୂପାନ୍ତର ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକାର୍ପିତ କରିଛନ୍ତି । ଆଜି ସୁଦ୍ଧା ୫୩୧ଟି ରୂପାନ୍ତରିତ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି । ଆଜି ଲୋକାର୍ପିତ ହୋଇଥିବା ୧୩୦ଟି ସ୍କୁଲ ମଧ୍ୟରୁ ନୂଆପଡା ର ୭ଟି, ଗଞ୍ଜାମ ର .୮୩ଟି, ସମ୍ବଲପୁର ର୨୫ .ଟି, ନୟାଗଡ଼୮ଟି ଓ ରାୟଗଡ଼ା ର୭ଟି ସ୍କୁଲ ରହିଛି । ଏହି ଅବସରରେ ଶିଶୁ ଦିବସ ପାଇଁ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉତ୍କର୍ଷତା ପାଇଁ ପ୍ରତିଯୋଗୀ ମନୋଭାବ ର ବିକାଶ ଜରୁରୀ । ରୂପାନ୍ତର ପରେ ସ୍କୁଲ ର ପରିବେଶ ପିଲାଙ୍କ ଭିତରେ ପ୍ରତିଯୋଗୀ ମନୋଭାବ କୁ ଅଧିକ ସୁଦୃଢ଼ କରିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଆରମ୍ଭ ହୋଇଥିବା ଏ ନୂଆ ଯୁଗର ପୁରା ସୁଯୋଗ ନେବା ପାଇଁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଜଣାଇଥିଲେ । ପ୍ରଥମ ପର୍ଯ୍ୟାୟରେ ୨୪ ନଭେମ୍ବର ସୁଦ୍ଧା ରାଜ୍ୟର ୧୦୭୫ଟି ସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମ ଚାଲିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହି ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଂଚଳର ବିଧାୟକ, ପଂଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ତଥା ପିତାମାତା ଏବଂ ଅଭିଭାବକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ପିଲାମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ମାତୃଭୂମି ଓ ପରିବାର ପରେ ସ୍କୁଲ ହେଉଛି ଆମର ସବୁଠାରୁ ବଡ ପରିଚୟ । ମୋର ପୁରା ବିଶ୍ୱାସ, ତୁମେ ମାନେ ଭଲ ପାଠ ପଢି ଭଲ କାମ କରି, ଏ ପରିଚୟକୁ ରାଜ୍ୟର ଗୌରବରେ ପରିଣତ କରିପାରିବ । ଏହି କାର୍ଯ୍ୟକ୍ରମରେ ୪ଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତର ସଂପର୍କରେ ନିଜର ମନ କଥା କହିଥିଲେ । ଭାରତୀ ସାହୁ , ସୌମ୍ୟ ଶ୍ରୀ ବଡପଣ୍ଡା ଭାଗ୍ୟ ଲକ୍ଷ୍ମୀ ପ୍ରଧାନ , ସ୍ମରଣିକା ପଟନାୟକ, ଓ ସରସ୍ୱତୀ ସାହୁ ପ୍ରମୁଖ ଛାତ୍ରୀ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ରୂପାନ୍ତର ଆମ ପାଇଁ ସୁଯୋଗ ଆଣିଛି । ତାର ସଦ୍ ବ୍ୟବହାର କରିବୁ ଓ ମୁଖ୍ୟମନ୍ତ୍ରୀ ଙ୍କ ଲକ୍ଷ୍ୟ ପୂରଣ କରିବୁ । ଏହାସହିତ ସୋମାନଙ୍କ ଜୀବନର ଲକ୍ଷ୍ୟ ସମ୍ପର୍କରେ ମଧ ମୁଖ୍ୟମନ୍ତ୍ରୀ ଙ୍କୁ କହିଥିଲେ । କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ମନ୍ତ୍ରୀ ଜଗନ୍ନାଥ ସାରକା , ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ବିଧାୟକ .ରାଜେନ୍ଦ୍ର ଢୋଲକିଆ ଓ ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମର ଶିକ୍ଷା କ୍ଷେତ୍ରରେ ଏହା ଏକ ବୈପ୍ଲବିକ ପରିବର୍ତନ ଆଣିବ ବୋଲି ପ୍ରକାଶ କରି ସେମାନେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାର ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସଂପର୍କରେ ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।

# ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ସପ୍ତମ ବୈଠକ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦର ସପ୍ତମ ବୈଠକ ମଙ୍ଗଳବାର ଲୋକ ସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ପଂଚାୟତି ରାଜ ଓ ପାନୀୟ ଜଳ, ଆଇନ ,ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ଜେନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଫୋକସ୍ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀତା କ୍ଷେତ୍ରରେ ସ୍ୱଚ୍ଛତା ଓ ଉତର ଦାୟିତ୍ୱ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବୈଠକ ବିବରଣୀରୁ ପ୍ରକାଶ ଯେ ୨୦୨୧-୨୨ ଆର୍ଥିକ ବର୍ଷର ସଫଳତା ଗତ ୨୦୨୦-୨୧ ବର୍ଷ ତୁଳନାରେ ଯଥେଷ୍ଟ ଉର୍ଦ୍ଧ୍ୱରେ ଅଛି । ତାହାଛଡା ଚଳିତ ବର୍ଷ ରାଜ୍ୟର ସଫଳତା ପ୍ରକାଶ ଦେଶର ୧୦ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ମାନଙ୍କ ମଧ୍ୟରେ ସ୍ଥାନ ବଜାୟ ରଖିଅଛି । ୧୪.୬ କୋଟି ଶ୍ରମ ଦିବସ ସୃଷ୍ଟି ସହିତ ସପ୍ତମ ସ୍ଥାନ,୧୦୦ ଦିନରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ପରିବାରରେ ଦିତୀୟ ସ୍ଥାନ, ପ୍ରତି ପରିବାର ପିଛା ହାରାହାରି କାର୍ଯ୍ୟ ଦିବସ ରେ ଦ୍ୱିତୀୟ ସ୍ଥାନ, ଉଚିତ ସମୟରେ ଶ୍ରମିକ ମାନଙ୍କୁ ଦେୟ ପ୍ରଦାନରେ ଅଷ୍ଟମ ସ୍ଥାନ, ଜିଓ-ମନରେଗା ରେ ସପ୍ତମ ସ୍ଥାନ ଓ ଗ୍ରାମ ପଂଚାୟତ ଜିଆଇଏସ ପ୍ଲାନ ରେ ଶୀର୍ଷ ସ୍ଥାନ ବଜାୟ ରଖିଛି । ରାଜ୍ୟର ୨୦ ଦାଦନ ପ୍ରବଣ ବ୍ଲକ ଗୁଡିକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜବକାର୍ଡଧାରୀ ମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଜ୍ଞାପିତ ମଜୁରି ଦର ଉପରେ ଅତିରିକ୍ତ ମଜୁରି ପ୍ରଦାନ କରି ଏହାକୁ ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଅଧିନିୟମ ରେ ଧାର୍ଯ୍ୟ ହୋଇଥିବା ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ବ୍ୟତିରେକ ଅତିରିକ୍ତ ୨୦୦ ଦିନର କର୍ମ ନିଯୁକ୍ତି ପ୍ରଦାନ କରାଯାଉଛି । ଉକ୍ତ ୨୦୦ ଦିନ ନିମନ୍ତେ ଜବକାର୍ଡଧାରୀ ମାନଙ୍କୁ ତାଙ୍କର ଦୈନିକ ମଜୁରି ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଛି । ସେହିପରି ଫୋକସ କ୍ରିୟାକଳାପ ମଧ୍ୟରେ ଲାଇନ ବିଭାଗ ଗୁଡିକ ସହ ପ୍ରଭାବୀ ଏକାଭିମୁଖୀକରଣ ମାଧ୍ୟମରେ ଚଳିତ ବର୍ଷ ୩୬୫୬ କୋଟି ଟଙ୍କାର କାର୍ଯ୍ୟ ଯୋଜନା ଅନୁମୋଦନ କରାଯାଇଅଛି । ଉକ୍ତ ପଦକ୍ଷେପ ଯୋଗୁଁ ୭୪୭.୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨.୮୯ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଉଦ୍ୟାନ କୃଷି ୨୧୧୧୫ ହେକ୍ଟର,ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ୨୫୧୫୫ ହେକ୍ଟର ବନୀକରଣ ଓ ୬୦୬୬୩ ଫାର୍ମ ପୋଖରୀ କରାଯିବା ନିମନ୍ତେ ପଦକ୍ଷେପ ହାତକୁ ନିଆଯାଇ ଗରିବ ପରିବାରଙ୍କର ଜୀବିକା ସୁରକ୍ଷାକୁ ସୁଦୃଢ କରାଯାଇଅଛି । ରାଜ୍ୟରେ ପକାଘର ନଥିବା ଅଙ୍ଗନବାଡି କେନ୍ଦ୍ରଗୁଡିକ ପାଇଁ ପକାଘର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତିରେ ଗ୍ରହଣ କରାଯିବ । ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ ନିମନ୍ତେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ସ୍ୱଚ୍ଛତା ଓ ଉତରଦାୟିତ୍ୱ ବଜାୟ ରଖିବା ପାଇଁ ଏରିଆ ଅଫିସର ଆପ୍, ନ୍ୟାସନାଲ୍ ମୋବାଇଲ୍ ମନିଟରିଂ ସିଷ୍ଟମ୍, ଜିଆଇଏସ ଆଧାରିତ ଯୋଜନା, ସମ୍ପତିର ଜିଓ ଟ୍ୟାଗିଂ, ଆଧାର ସିଡିଙ୍ଗ, ଆଧାର ଆଧାରିତ ପେମେଂଟ ବ୍ୟବସ୍ଥା (ଏବିପିଏସ୍)ର ଉପଯୋଗ ସହ ସାମାଜିକ ସମୀକ୍ଷା ଏବଂ ଅମ୍ବୁଡ୍ସପର୍ସନଙ୍କ କାର୍ଯ୍ୟକୁ ପ୍ରାଥମିକତା ଦିଆଯାଉଛି । ଉକ୍ତ ବୈଠକରେ ଉନ୍ନୟନ କମିଶନର ପ୍ରଦିପ୍ ଜେନାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ , ଶାସନ ସଚିବ , ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଏବଂ ସଦସ୍ୟ ଭାବେ ଜିଲ୍ଲାପରିଷଦ ଅଧକ୍ଷ , ପଂଚାୟତସିତି ଚେୟାରମ୍ୟାନ, ସରପଂଚ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବିଭିନ୍ନ ସଫଳତାର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ ।

# ଜିଲ୍ଲା ପରିଷଦ ସଭ୍ୟ, ସରପଂଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ସଂରକ୍ଷଣ ତାଲିକା ପ୍ରକାଶ

ଭୁବନେଶ୍ୱର, (ପି.ଏନ): ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ ୨୦୨୨ ଲାଗି ବିଭିନ୍ନ ଜିଲ୍ଲାରୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳମାନେ ଜିଲ୍ଲାରେ ଥିବା ସରପଂଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବରଙ୍କ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ରାଜ୍ୟ ନିର୍ବାଚନ କମିଶନରକୁ ପ୍ରଦାନ କରିଛନ୍ତି । ସେହିପରି ଜିଲ୍ଲାୱାରୀ ଜିଲ୍ଲା ପରିଷଦ ସଭ୍ୟ ସଂରକ୍ଷଣ ତାଲିକା ପଂଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟର ମୋଟ ୮୫୩ ଜିଲ୍ଲା ପରିଷଦ ସଭ୍ୟ ପଦ ମଧ୍ୟରୁ ଅନୁସୂଚିତ ଜାତି ବର୍ଗଙ୍କ ଲାଗି ୬୪ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି ମହିଳାଙ୍କ ଲାଗି ୮୪ଟି ସ୍ଥାନ ସଂରକ୍ଷିତ ରହିଛି । ସେହିଭଳି ଅନୁସୂଚିତ ଜନଜାତି ବର୍ଗଙ୍କ ଲାଗି ୧୦୦ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ୧୧୮ଟି ସ୍ଥାନ ସଂରକ୍ଷିତ ରହିଛି । ପଛୁଆ ବର୍ଗଙ୍କ ଲାଗି ୪୯ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ପଛୁଆବର୍ଗ ମହିଳାଙ୍କ ଲାଗି ୫୫ଟି ସ୍ଥାନ ସଂରକ୍ଷିତ ରହିଛି । ଅଣ ସଂରକ୍ଷିତ ବର୍ଗରେ ୨୦୭ଟି ସ୍ଥାନ ଏବଂ ମହିଳାଙ୍କ ଲାଗି ୧୭୬ଟି ସ୍ଥାନ ସଂରକ୍ଷିତ ରହିଛି । ରାଜ୍ୟର ମୋଟ ୬୭୯୪ ଗୋଟି ସରପଂଚ ପଦ ମଧ୍ୟରୁ ୪୨୬ ଗୋଟି ଅନୁସୂଚିତ ଜାତି ଓ ୫୨୫ ଗୋଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ଅନୁସୂଚିତ ଜନଜାତିଙ୍କ ଲାଗି ୧୨୩୭ଟି ସ୍ଥାନ ସଂରକ୍ଷିତ ଥିବା ବେଳେ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ୧୩୭୬ଟି ସଂଖ୍ୟକ ସରପଂଚ ସ୍ଥାନ ସଂରକ୍ଷିତ ରହିଛି । ପଛୁଆବର୍ଗଙ୍କ ଲାଗି ୩୪୯ ଏବଂ ପଛୁଆବର୍ଗ ମହିଳାଙ୍କ ଲାଗି ୪୨୯ଟି ସରପଂଚ ସ୍ଥାନ ସଂରକ୍ଷିତ ରହିଛି । ଅଣ ସଂରକ୍ଷିତ ବର୍ଗରେ ୧୨୮୨ ଏବଂ ମହିଳାଙ୍କ ପାଇଁ ୧୧୭୦ଟି ସ୍ଥାନ ସଂରକ୍ଷିତ ରହିଛି । ୬୭୯୩ ଗୋଟି ସମିତି ସଭ୍ୟ ମଧ୍ୟରୁ ଅନୁସୂଚିତ ଜାତି ବର୍ଗରେ ୫୧୫ଟି ସ୍ଥାନ ସଂରକ୍ଷିତ ଥିବା ବେଳେ ଅନୁସୂଚିତ ଜାତି ମହିଳା ବର୍ଗରେ ୬୮୨ଟି ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜନଜାତି ବର୍ଗରେ ୮୨୪ଟି ସ୍ଥାନ ସଂରକ୍ଷିତ ଥିବା ବେଳେ ଅନୁସୂଚିତ ଜନଜାତି ମହିଳା ବର୍ଗରେ ୧୦୩୩ଟି ସ୍ଥାନ ସଂରକ୍ଷିତ ରହିଛି । ପଛୁଆ ବର୍ଗଙ୍କ ଲାଗି ୩୯୫ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ପଛୁଆ ବର୍ଗ ମହିଳାଙ୍କ ଲାଗି ୫୧୮ଟି ସ୍ଥାନ ସଂରକ୍ଷିତ ରହିଛି । ଅଣ ସଂରକ୍ଷିତ ବର୍ଗରେ ୧୫୨୧ଟି ସ୍ଥାନ ରହିଥିବା ବେଳେ ମହିଳାଙ୍କ ଲାଗି ୧୩୦୫ଟି ସ୍ଥାନ ସଂରକ୍ଷିତ ରହିଛି । ୯୧୯୧୬ଟି ୱାର୍ଡମେମ୍ବର ମଧ୍ୟରୁ ଅନୁସୂଚିତ ଜାତିଙ୍କ ଲାଗି ୬୩୩୬ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି ମହିଳାଙ୍କ ଲାଗି ୧୦୧୩୪ଟି ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜନଜାତିଙ୍କ ଲାଗି ୧୦୫୫୯ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ୧୪୨୩୬ ସ୍ଥାନ ସଂରକ୍ଷିତ ରହିଛି ।

## ମହିଳାଙ୍କ ପରଲୋକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତ ସାରୋଇ ଗ୍ରାମର ସ୍ୱର୍ଗତ ବିଶ୍ୱନାଥ ସାମଲଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସାମଲ(୬୮)ଙ୍କ ଆଜି ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ଝିଅ ଶାନ୍ତିଲତା ରାଉତ, ଜ୍ୱାଇଁ, ନାତିନାତୁଣୀ, ସାମ୍ବାଦିକ କୈଳାସ ଚନ୍ଦ୍ର ରାଉତଙ୍କ ସମେତ ବନ୍ଧୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗୀୟା ରାଉତ ୪୦ବର୍ଷ ପୂର୍ବେ ଗ୍ରାମରେ ଏକ ପୌଢ଼ ଶିକ୍ଷାକେନ୍ଦ୍ର ଓ ମହିଳା ସମିତି ପ୍ରତିଷ୍ଠା କରିଥିଲେ । କେନ୍ଦ୍ରାପଡା ତ୍ୱରିତ ରାଜପଥ ଡିଭିଜନ ଓ ଚଣ୍ଡିଖୋଲ ଉପଖଣ୍ଡରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ନାତି ରାକେଶ କୁମାର ରାଉତ ମୁଖାଗ୍ନି ଦେଇଥିଲେ ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୩୮୧ ହେଲା

ଭୁବନେଶ୍ୱର, (ପି.ଏ) : ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୮୧ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ ୧-୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
**ପର୍ଯ୍ୟବେକ୍ଷକ**
PARYABEKHYAK





Bhubaneswar Thursday November 18, 2021 ଭୁବନେଶ୍ୱର ଗୁରୁବାର, ନଭେମ୍ବର ୧୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଜାତୀୟ ପ୍ରେସ୍ ଦିବସ ୨୦୨୧ମହା ସମାରୋହରେ ପାଳିତ




ଫୁଲବାଣୀ,(ପି.ଏନ):ସ୍ଥାନୀୟ ଜିଲ୍ଲା ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, କନ୍ଧମାଳ ଓ ଜିଲ୍ଲା ପ୍ରେସ୍ କ୍ଲବ, ଫୁଲବାଣୀ, କନ୍ଧମାଳଙ୍କ ମିଳିତ ସହଯୋଗରେ ଆଜି ଜାତୀୟ ପ୍ରେସ୍ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା. ଫୁଲବାଣୀ ର ପ୍ରକଳ୍ପ ପ୍ରଶାସକ ଶ୍ରୀ ବିରେନ୍ଦ୍ର କୁମାର ଦାସ କହିଲେଯେ, କେବଳ ମହାମାରୀ କାହିଁକି ଯେ କୌଣସି ପ୍ରାକୃତିକ ଦୁର୍ବିପାକ ସମୟରେ ଜିଲ୍ଲାର ଗଣମାଧ୍ୟମର ପ୍ରତିନିଧିମାନେ ଜିଲ୍ଲା ପ୍ରଶାସନକୁ ସହଯୋଗ କରି ଆସିଛନ୍ତି। କରୋନା ମହାମାରୀ ସମୟରେ ସେମାନେ ଯେଉଁଭଳି ଭାବରେ ଜନସାଧାରଣଙ୍କ ସଚେତନତା ପାଇଁ ଖବର ସଂଗ୍ରହ ତଥା ପ୍ରସାରଣପାଇଁ ଆଗେଇ ଆସିଲେ ତାହା ପ୍ରଶଂସା ଯୋଗ୍ୟ। କେତେଜଣ ସାମ୍ବାଦିକ ବନ୍ଧୁ ମଧ କରୋନା ଆକ୍ରାନ୍ତରେ ମୃତ୍ୟୁ ବରଣ କରିଛନ୍ତି। ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ଗଣମାଧ୍ୟମକୁ ସେତୁ ସହିତ ସେ ତୁଳନା କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ତ୍ରିପାଠୀ କରୋନା ମହାମାରୀ ସମୟରେ ବୈଦୁତିକ ଗଣମାଧ୍ୟମର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। କାରଣ ସେତେବେଳେ କେବଳ ସେହିମାନେହିଁ ନିଜ ନିଜର ଜୀବନକୁ ବାଜି ଲଗେଇଦେଇଥିଲେ କହିଲେ ଚଳେ କେବଳ ବାସ୍ତବ ଚିତ୍ରକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ କାରଣ କରୋନା ସଂକ୍ରମଣ ଭୟରେ ସେତେବେଳେ ପ୍ରାୟ ଖବର କାଗଜ ଛପା ବନ୍ଦ ଥିଲା। ସେତେବେଳେ ଗଣମାଧ୍ୟମ ପାଇଁ ଏହା ବଡ଼ ଆହ୍ୱାନ ଥିଲା ବୋଲି ସେ କହିଥିଲେ। ସେହିପରି ଅନ୍ୟତମ ସମ୍ମାନୀତ ଅତିଥି ବରିଷ୍ଠ ସାମ୍ବାଦିକ ଡଃ ଅରୁପ କୁମାର ଜେନା ସାମ୍ବାଦିକତାରେ ନିଜର ଦୀର୍ଘ ବର୍ଷର ଅଭିଜ୍ଞତା ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଯେ, ସାମ୍ବାଦିକତା ଏକ ପେଶା ଯାହା ପାଇଁ ଅସୀମ ଧର୍ଯ୍ୟ ଆବଶ୍ୟକ। ଏହା ମଧ ଏକପ୍ରକାର ସମାଜ ସେବା ଯାହାକୁକି ନୈତିକତାର ସହ ସମ୍ପାଦନ କରିବାକୁ ହେବ। ଦିବସର ମୁଖ୍ୟବକ୍ତାଭାବେ ଯୋଗ ଦେଇ ଜିଲ୍ଲା ସମ୍ବାଦ ପ୍ରତିନିଧି ଶ୍ରୀ ରନ କୁମାର ପ୍ରଧାନ ଆମ ସମ୍ବିଧାନର ୪ର୍ଥ ସ୍ତମ୍ଭ ଗଣମାଧ୍ୟମର ଭୂମିକା ଉପରେ ସମ୍ୟକ ଧାରଣା ଦେବା ସହ ଗଣମାଧ୍ୟମର ପ୍ରତିନିଧିମାନେ କିପରି ଅନ୍ୟ ତିନି ଗୋଟି ସ୍ତମ୍ଭର କର୍ମଚାରୀ ତଥା ବ୍ୟକ୍ତିବିଶେଷମାନଙ୍କ ଠାରୁ ଅବହେଳିତ ସେ ବିଷୟରେ ଆଲୋଚନା କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଗଣମାଧ୍ୟମ ପାଇଁ ସରକାରଙ୍କ ଉଦାସୀନତା ଉପରେ ମଧ ଆଲୋଚନା କରିଥିଲେ। ସେହିପରି ଜିଲ୍ଲା ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଶୋକ କୁମାର ପରିଡ଼ା ଗଣମାଧ୍ୟମର ପ୍ରତିନିଧିମାନଙ୍କର ପେଶା, ସୁରକ୍ଷା ତଥା କର୍ମକ୍ଷେତ୍ରରେ ସୁରକ୍ଷା ପ୍ରତି ସରକାର ଦୃଷ୍ଟି ଦେଉନଥିବା କଥା କହିଥିଲେ। ସରକାର ଜନକଲ୍ୟାଣ ପାଇଁ ଯେଉଁସବୁ ବ୍ୟବସ୍ଥାବି କରୁଛନ୍ତି ସେଥିରେ ମଧ ଗଣମାଧ୍ୟମର ଭୂମିକା ରହିଛି ବୋଲି ଶ୍ରୀ ପରିଡ଼ା କହିଥିଲେ। ପ୍ରାରମ୍ଭିକ ସମ୍ଭାଷଣରେ ପ୍ରମେୟର ଜିଲ୍ଲା ପ୍ରତିନିଧି ଶ୍ରୀ ବ୍ରଜବିହାରୀ ନନ୍ଦ ସମ୍ବାଦପତ୍ର ଓ ସେଥିରେ ଗଣମାଧ୍ୟମର ଭୂମିକା ଏବଂ ମହାମାରୀ ସମୟରେ ଗଣମାଧ୍ୟମ ପାଇଁ ରହିଥିବା ଆହ୍ୱାନ ଉପରେ ଆଲୋଚନା କରିଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ, ଫିଲିମୋହନ ନାୟକ, ଡଃ.କାହ୍ନୁ ଚରଣ ଶତପଥି ପ୍ରମୁଖ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମାଜ ପ୍ରତି ଥିବା ଗୁରୁ ଦାୟିତ୍ୱ ଏବଂ ସେମାନଙ୍କ ପ୍ରତି ଥିବା ସରକାରଙ୍କର ଉଦାସୀନତା ମନୋଭାବ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରେସ୍ କ୍ଲବ୍‌ର ଭୂତପୂର୍ବ ସମ୍ପାଦକ ଶ୍ରୀ ଅଶୋକ କୁମାର ମହାନ୍ତି ଆଲୋଚନା ସଭାକୁ ସଂଯୋଜନା କରିଥିବାବେଳେ ଜିଲ୍ଲା ପ୍ରେସ୍ କ୍ଲବ୍‌ର ସମ୍ପାଦକ ଶ୍ରୀ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।ସେହିପରି ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ରମେଶ ଚନ୍ଦ୍ର ପ୍ରଧାନ,ସୂର୍ଯ୍ୟ ନାରାୟଣ ବେହେରା, ସତ୍ୟ ନାରାୟଣ ବେହେରା, ପ୍ରଶାନ୍ତ ଜେନା, ଶିବ ନାୟକପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ସମ୍ମିଳନୀ କକ୍ଷରେ କନ୍ଧମାଳ ମିଡିଆ ଫୋରମ୍ ଆନୁକୂଲ୍ୟରେ ଆଜି ଅପରାହ୍ନରେ ୫୫ତମ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଉପ-ଜିଲ୍ଲାପାଳ , ଫୁଲବାଣୀ ଶ୍ରୀ ଶେଷଦେବ ମିଶ୍ର, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଶ୍ରୀ ରବିନାରାୟଣ ମିଶ୍ର, ଡଃ ଅରୂପ କୁମାର ଜେନା, ଶ୍ରୀ ସନ୍ତୋଷ କୁମାର ଦିଗାଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେଏବଂ ଶ୍ରୀ ବ୍ରଜବିହାରୀ ନନ୍ଦ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଅତିଥିମାନେ କନ୍ଧମାଳ ମିଡିଆ ଫୋରମ୍ ତଥା ଜିଲ୍ଲା ଗଣମାଧ୍ୟମ କରୋନା ସମୟରେ ତୁଲାଇଥିବା ଭୂମିକା ଉପରେ ଅଲୋଚନା କରିବା ସହ ସେମାନଙ୍କର ଜିଲ୍ଲା ପ୍ରଶାସନକୁ କରିଥିବା ସହଯୋଗକୁ ପ୍ରଶଂସା କରିଥିଲେ। କନ୍ଧମାଳ ମିଡିଆ ଫୋରମ୍ ର ସଭାପତି ଶ୍ରୀ ସୁନିଲ ବିଶ୍ୱାଳ ଆଲୋଚନା ସଭାକୁ ସଂଚାଳନ କରିଥିବାବେଳେ ଫୋରମ୍‌ର ସମ୍ପାଦକ ଶ୍ରୀ ସୂର୍ଯ୍ୟନାରାୟଣ ବେହେରା, ଉପସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀ,ସହ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସରେ ନର୍ସିଙ୍ଗ ଛାତ୍ରଛାତ୍ରୀଙ୍କ ଦାବିକୁ କୁଳପତିଙ୍କ ଅଣଦେଖା



ଚଣ୍ଡିଖୋଲ, (ପିଏନ)- ଚଣ୍ଡିଖୋଲ ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସରେ ପାଠପଢା ଚାଲୁଅଛି । ଏହି ଦ୍ୱିତୀୟ ଗ୍ରାମୀଣ କ୍ୟାମ୍ପସରେ ଚଳିତ ବର୍ଷ ୮୨ ଜଣ ବିସସି ନର୍ସିଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି.. ଦୀର୍ଘଦିନ ହେବ ବିସସି ନର୍ସିଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଥିଲା.ଓ ଏହାକୁ ନେଇ ପୂର୍ବରୁ ଛାତ୍ରଛାତ୍ରୀମାନେ କଲେଜରେ ତଳ ମଧ ପକାଇଥିଲେ। ମୁଖ୍ୟ ଦାବୀମଧରେ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ, ପାଠାଗାର ଅଭାବ ଓ ଅଧାପକ/ଅଧାପିକା ସମସ୍ୟା ରହିଥିଲା ବେଳେ ବାରମ୍ବାର ଅଭିଯୋଗ କଲେ ମଧ ଏଦିଗରେ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିଲେ। ଏ ନେଇ ୨୪ ସେପ୍ଟେମ୍ବରରେ ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପ୍ରଫେସର ବସନ୍ତ କୁମାର ମଲ୍ଲିକ ,ରେଜିଷ୍ଟ୍ରାର ଡ଼ ;ଅଭୟ କୁମାର ନାୟକ ,ସୁରେନ୍ଦ୍ର କୁମାର ସାହୁ ,ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଓ ନର୍ସିଙ୍ଗର ଦୁଇଜଣ ପ୍ରତିନିଧିଙ୍କ ଉପସ୍ଥିତିରେ ଏକମାସ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଦାବୀସବୁକୁ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ନହେବାରୁ ପୁନଶ୍ଚ ମଙ୍ଗଳବାର ଛାତ୍ରଛାତ୍ରୀମାନେ ଉତ୍କଳ ବିଶ୍ୱବିଦ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷଙ୍କ ସମୁଖରେ ନିଜର ଅସନ୍ତୋଷ ଜାରିକରିବା ସହ କ୍ୟାମ୍ପସର ଫାଟକରେ ତାଲା ପକାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭିତରକୁ ଛାଡ଼ିନଥିଲେ । ଛାତ୍ରଛାତ୍ରୀମାନେ ଫାଟକ ସମୁଖରେ କିଛିସମୟପାଇଁ ବସିରହିଥିଲେ ପରେ ଖୁବଶୀଘ୍ର ପିଲାମାନଙ୍କ ଦାବିକୁ ପୂରଣ କରାଯିବ ବୋଲି ପ୍ରତିଶୃତି ଦେବାରୁ ପିଲାମାନେ ଧାରଣାରୁ ଉଠିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପିଜିକାଉନସେଲର ଅଧକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ,,ରେଜିଷ୍ଟ୍ରାର ଡ଼ ;ଅଭୟ କୁମାର ନାୟକ ଓ କୋର୍ସ କୋଡିନେଟର ହିମାଂଶୁ ଶେଖର ରାଉତ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ଦାବୀ ସମାଧାନ ପାଇଁ ପିଲାମାନେ ଲିଖିତ ଆକାରରେ ଦେବାକୁ ଅଡ଼ିବସିବାବେଳେ ଲିଖିତ ନଦେଇ ଦାବୀ ସମାଧାନ ହେବ ବୋଲି କର୍ତ୍ତୃପକ୍ଷ କହିଥିଲେ। ପୂର୍ବରୁ ଏ ନେଇ ଛାତ୍ରଛାତ୍ରୀମାନେ ମଧ ଉପଜିଲ୍ଲା ପାଳଙ୍କୁ ଏକ ଲିଖିତ ଦାବିପତ୍ର ଦେଇଥିଲେ।

## କ୍ଷମତା ନଥାଇ ସହକାରୀ ଯନ୍ତ୍ରୀ କରୁଛନ୍ତି ଚେକ୍ ମେଜରମେଣ୍ଟ

କେନ୍ଦୁଝର,(ପି.ଏନ): କେନ୍ଦୁଝରଗଡ ପୌରପାଳିକାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ପାଇଁ ଇଞ୍ଜିନିୟର ନିଯୁକ୍ତି ହୋଇଛନ୍ତି। ତେବେ ସଠିକ୍ ଭାବରେ କେଉଁ ଇଞ୍ଜିନିୟର କେଉଁ କାର୍ଯ୍ୟ କରିବେ ତାହାର ସଠିକ୍ ଜବଚାର୍ଟ କରାଯାଇନଥିବା ଅଭିଯୋଗ ହେଉଛି। ଫଳରେ କାମରେ ବିଶୃଙ୍ଖଳା ଦେଖାଦେବା ସହ ଆଇନଗତ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ପ୍ରକାଶ ଯେ , ନଗର ଉନ୍ନୟନ ବିଭାଗ ପକ୍ଷରୁ କେନ୍ଦୁଝରଗଡ ପୌରପାଳିକାର ସମସ୍ତ ଉନ୍ନୟନ କାର୍ଯ୍ୟର ତଦାରଖ ପାଇଁ ଜଣେ ମ୍ୟୁନସିପାଲଟି ଇଞ୍ଜିନିୟର (ଏମଇ) ନିଯୁକ୍ତି ଗତ ୨ବର୍ଷ ହେବ ଦିଆଯାଇଛି। ଯେ କି ଜଣେ ଏଇଇ ବା ସହକାରୀ ନିର୍ବାହୀ ଯନ୍ତ୍ରୀ ପାହ୍ୟାର ଅଟନ୍ତି। ସେ ସମସ୍ତ ୱାର୍ଡର ଉନ୍ନୟନ ଏବଂ ନିର୍ମାଣ କାର୍ଯ୍ୟର ଯାଂଚ ଓ ମାପଚୁପ ( ଚେକ ମେଜରମେଣ୍ଟ) ଦାୟିତ୍ୱ ନିର୍ବାହ କରିବା ବ୍ୟବସ୍ଥା ରହିଛି। ମାତ୍ର ସମସ୍ତ ୨୧ଟି ୱାର୍ଡର ଚେକ ମେଜରମେଣ୍ଟ ଦାୟିତ୍ୱ ଏଇଇ ଙ୍କୁ ନ ଦିଆଯାଇ ୨୧ଟି ୱାର୍ଡକୁ ୨ଟି ଭାଗ କରାଯାଇ ଜଣେ ସହକାରୀ ଯନ୍ତ୍ରୀଙ୍କୁ କିଛି ୱାର୍ଡର ଚେକ ମେଜରମେଣ୍ଟ ଦାୟିତ୍ୱ ଦିଆଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଙ୍କୁ ୧ରୁ ୧୦ ନମ୍ବର ୱାର୍ଡ ଏବଂ ସହକାରୀ ଯନ୍ତ୍ରୀ (ଏଇ) ଙ୍କୁ ୧୧ରୁ ୨୧ ନମ୍ବର ୱାର୍ଡର ଚେକ ମେଜରମେଣ୍ଟ ଦାୟିତ୍ୱ ଦିଆଯାଇ ବିଲ ପୈଠ କରାଯାଉଛି। ଏହା ଫଳରେ ସରକାରୀ ନିୟମ ଖିଲାପ ହେଉଥିବାରୁ ଆଗାମି ଦିନରେ ଆଇନଗତ ସମସ୍ୟା ଦେଖାଦେବା ସହ ଅଡିଟ ସମୟରେ ଧରାପଡିବାର ଆଶଙ୍କା ରହିଛି। ବିଭିନ୍ନ ୱାର୍ଡ ଆବଣ୍ଟନ କରି ସମ୍ପାଦିତ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ତୁରନ୍ତ ପଦକ୍ଷେପ ନେବାକୁ ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଦାବୀ କରିଛନ୍ତି। ଏଣୁ ଏହାର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶ୍ରୀ ମାଝୀ ସରକାରଙ୍କ ନିକଟରେ ଦାବୀ କରିଛନ୍ତି। ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ।

## ୧୯ ରେ କଂଗ୍ରେସ ସେବାଦଳ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର (ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଡିସେମ୍ବର ୨୬ ତାରିଖରେ ହେବାକୁ ଥିବା କଂଗ୍ରେସ ସେବାଦଳ ସଦ୍‌ଭାବନା ସମାବେଶର ପ୍ରସ୍ତୁତି ବୈଠକ ଆସନ୍ତା ୧୯ ତାରିଖ ପୂର୍ବାହ୍ନ ୯ ଘଂଟା ସମୟରେ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହେବ ବୋଲି ପ୍ରଦେଶ କଂଗ୍ରେସ ସେବାଦଳ ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ବୈଠକରେ ନିଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ପ୍ରଭାରୀ ଡଃ ଏ. ଚେଲ୍ଲା କୁମାର, ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଆନନ୍ଦପୁର ପ୍ରେସ୍ କ୍ଲବର ଜାତୀୟ ପ୍ରେସ୍ ଦିବସ ପାଳନ

ଘଷିପୁରା:(ପି.ଏନ): ଘଷିପୁରାର ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଲୋକନାଥ ସିଂଙ୍କ ସଭାପତିତ୍ୱରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପ-ଜିଲ୍ଲାପାଳ ଗୋପୀନାଥ କୁଅଁର ଏବଂ ଅନ୍ୟତମ ଅତିଥି ଭାବେ ଘଷିପୁରା ଥାନାଧିକାରୀ ଶ୍ୟାମଘନ ବେହେରା ଯୋଗ ଦେଇଥିଲେ । ପ୍ରାରମ୍ଭରେ କ୍ଲବର ବରିଷ୍ଠ ସଦସ୍ୟ ସୁବାଷ ମହାପାତ୍ର ବୈଠକରେ ସମ୍ବୋଦ୍ଧିତ କରି ମିଡିଆର ସାମାଜିକ ଦାୟୀତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । କ୍ଲବର ସବାପତି ତାଙ୍କ ଅଭିଭାଷଣରେ ସାମ୍ପ୍ରଦାୟୀକ ସମାଜର ନାନା ପ୍ରକାର ସମସ୍ୟା ମଧ୍ୟରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଗଣିତ ଗଣମାଧ୍ୟମ ସର୍ବଦା ବଭିନ୍ନ ପ୍ରସଙ୍ଗରେ ନିଜ ଭୂମିକା ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିବା ବେଳେ ସମାଜରେ ଘୁରି ବୁଲୁଥିବା ନକଲି ସାମ୍ବାଦିକଙ୍କ ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଗଣମାଧ୍ୟମ ପ୍ରତିନିଧି ସର୍ବଦା ଅମଲାତନ୍ତ୍ର ସହ ସମନ୍ୱୟ ରକ୍ଷା କରି ଲୋକମାନଙ୍କର ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆଣିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଥାନାଧିକାରୀ ସାମ୍ବାଦିକ ବନ୍ଧୁମାନଙ୍କୁ ସର୍ବଦା ଗଠନ ମୂଳକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେଇଥିବା ବେଳେ ସାମ୍ବାଦିକଙ୍କ ପ୍ରତି ସର୍ବଦା ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ । ବୈଠକରେ କ୍ଲବ ସଦସ୍ୟ ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ସ୍ୱପ୍ନେଶ୍ୱର ପଣ୍ଡା, ରାଜୀବ ଲୋଚନ ଜେନା, ଦେବବ୍ରତ ଚକ୍ରବର୍ତ୍ତି, ସତ୍ୟଜିତ୍ ସାହୁ, ପରୀକ୍ଷିତ ଦାସ, ଅନୀଲ ସାହୁ, ସରୋଜ କୁମାର ପରିଡା, ନାରାୟଣ ସାହୁ, ଅମୀୟ ରନ ବରାଳ, ପଦ୍ମନାଭ ସାହୁ, ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ କ୍ଲବର ସମ୍ପାଦକ ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ ପୂର୍ବକ ବୈଠକ ଭଙ୍ଗ କରିଥିଲେ ।

## ରେନୋ କ୍ୱିଡ୍ ଭାରତରେ ଚାରି ଲକ୍ଷ ବିକ୍ରିର ମାଇଲଖୁଂଟ ଅତିକ୍ରମ କଲା




ନୂଆଦିଲ୍ଲୀ, (ପି.ଏନ): ରେନୋ, ଭାରତରେ ୧୦ମ ବର୍ଷରେ ପଦାର୍ପଣ କରିଛି। ଆଜି ଦେହରାଦୁନ୍, ଉତରାଖଣ୍ଡ ଠାରେ ବ୍ରାଣ୍ଡ ନୂଆ, ନୂତନ ଓ ମୂଲ୍ୟ ଉପଯୋଗୀ ଗେମ୍ ଚେର ରେନୋ କ୍ୱିଡକୁ ୪,୦୦,୦୦୦ତମ ଗ୍ରାହକଙ୍କୁ ପ୍ରଦାନ କରାଯାଇଛି। ଏହା ସହିତ ରେନୋ କ୍ୱିଡ୍ ଭାରତରେ ଏହାର ୪ ଲକ୍ଷ ବିକ୍ରିର ମାଇଲଖୁଂଟ ଅତିକ୍ରମ କରିଛି ଓ ମିନି କାର୍ ସେଗମେଂଟରେ ନିଜର ଏକ ସ୍ୱତନ୍ତ୍ର ଉପସ୍ଥିତି ପ୍ରମାଣିତ କରିପାରିଛି। ଏହା ୯ ଟି ଟ୍ରିମରେ ଉପଲବ୍ଧ ଯଥା ଆରଏକ୍ସଇ, ଆରଏକ୍ସଏଲ୍, ଆରଏକ୍ସଟି ଓ କ୍ଲାଇମ୍ବର ଭାରିଆଂଟ ଉଭୟ ୦.୮ ଏଲ୍ ଓ ୧.୦ ଏଲ୍ ଏସସିଇ ପ୍ରାୱାରଟ୍ରେନରେ ମାନୁଆଲ୍ ଓ ଏମଟି ବିକଳ୍ପ ସହିତ ଉପଲବ୍ଧ ରହିଛି। ରେନୋ କ୍ୱିଡ୍‌ର ଏସୟୁଭି ଅନୁପ୍ରେରିତ ଡିଜାଇନ୍, ଫାଷ୍ଟ-ଇନ-କ୍ଲାସ ୨୦.୩୨ ସେମି ଟଚ୍ ସ୍କ୍ରିନ୍ ମିଡିଆ ଏନଏଭି ଇଭୋଲ୍ୟୁସନ ସହିତ ଆଣ୍ଡ୍ରଏଡ୍ ଅଟୋ ଓ ଆପଲ୍ କାର ପ୍ଲେ ଓ ଫ୍ଲୋର କନସୋଲ୍ ମାଉଂଟେଡ୍ ଏଏମଟି ଡାଏଲ୍ ଏକତ୍ରିତ ଭାବରେ ଏକ ଆରାମଦାୟକ ଗାଡ଼ି ଚାଳନା ଅନୁଭୂତି ପ୍ରଦାନ କରିଥାଏ। ଚାଲୁ ରହିଥିବା ୧୦ମ ବାର୍ଷିକ ଉତ୍ସବ ପାଳନ ଅବସରରେ, ରେନୋ ନିକଟରେ ଅଲ୍-ନ୍ୟୁ କ୍ୱିଡ୍ ମାଇଁ୨୧ ର ଶୁଭାରମ୍ଭ କରିଛି। ଏହା ସହିତ ଏଥିରେ ଷ୍ଟାଣ୍ଡାର୍ଡ଼ ବୈଶିଷ୍ଟ୍ୟ ଭାବରେ ସମସ୍ତ ଭାରିଆଂଟରେ ରହିଛି ଡୁଆଲ୍ ଫ୍ରଂଟ ଏୟାରବ୍ୟାଗ। କାରକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ, ମାଇଁ୨୧ କ୍ଲାଇମ୍ବର ଏଡିସନରେ ରହିଛି ଧଳା ଓ କଳା ସମନ୍ୱୟରେ ଡୁଆଲ୍ ଟୋନ୍ ଏକ୍ସଟେରିୟର ଏବଂ ଏହା ସହିତ ଇଲେକ୍ଟ୍ରିକ୍ ଓଆରଭିଏମ୍ ଓ ଡେ ଆଣ୍ଡ ନାଇଟ୍ ଆଇଆରଭିଏମ୍। ଏହା 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମର ଅନୁପାଳନ କରୁଛି। ଭାରତରେ ଏକ ଦଶନ୍ଧିର ଉପସ୍ଥିତି ମଧ୍ୟରେ, ରେନୋ ଏହାର ନିର୍ମାଣ କେନ୍ଦ୍ରରେ ତଥା ବିଶ୍ୱ ଶ୍ରେଣୀୟ ପ୍ରଯୁକ୍ତି କେନ୍ଦ୍ର, ଲଜିଷ୍ଟିକ୍ସ ଓ ଡିଜାଇନ୍ ସେଂଟରରେ ଉଲ୍ଲେଖନୀୟ ପ୍ରଗତି କରିଛି। ଏହାର ଉତ୍ପାଦ ପୋର୍ଟଫୋଲିଓରେ ସଂପ୍ରସାରଣ କରିବା ସହିତ, ରେନୋ ଭାରତରେ ଏହାର ନେଟୱର୍କକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରୁଛି। ବର୍ତ୍ତମାନ ଭାରତରେ ରେନୋ ଇଣ୍ଡିଆର ୫୦୦ ବିକ୍ରି ଓ ୫୩୦ ସର୍ଭିସ୍ ଟଚ୍ ପଏଂଟ୍ ରହିଛି ଯେଉଁଥିରେ ସାରା ଦେଶରେ ୨୫୦+ ୱାର୍କସପ୍ ଅନ୍ ହୁଇଲ୍‌ସର ସୁବିଧା ରହିଛି।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V





FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray